

ପାଠକଙ୍କୁ କରେ ଆକର୍ଷଣ...
OMKAR DARPAN
# ଓଁକାର ଦର୍ପଣ

PRGI No. : ORBIL/25A4283
WEEKLY NEWS PAPER ସାପ୍ତାହିକ ଖବରକାଗଜ

• VOL. 01 • ISSUE NO. 08 • BRAHMAPUR • WEEKLY • 08 TO 14 JUNE, 2026 • RS. 5.00 • PAGE-8
• ଭାଗ-୦୧ • ସଂଖ୍ୟା-୦୮ • ବ୍ରହ୍ମପୁର • ସାପ୍ତାହିକ • ୦୮ - ୧୪ ଜୁନ୍, ୨୦୨୬ • ମୂଲ୍ୟ : ଟ.୫.୦୦ • ପୃଷ୍ଠା-୮

**ସାମ୍ବାଦିକ ଆବଶ୍ୟକ**

ଓଡ଼ିଶାର ସମସ୍ତ ଜିଲ୍ଲା, ବ୍ଲକ୍‌ରେ ସାମ୍ବାଦିକ/ସାମ୍ବାଦିକା ଆବଶକ। ଯେଉଁମାନେ ଇଚ୍ଛୁକ ତଳେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରନ୍ତୁ ।

ପ୍ରଫୁଲ୍ଲ ଚନ୍ଦ୍ର ବେହେରା
ଦୂରଭାଷ : ୮୮୪୭୮୫୮୨୩୯

## କୋଷ୍ଟାଲ ହାଇୱେ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

# ରାମେଶ୍ୱର-ପାରାଦୀପ ୧୬୦କିମିର ଗ୍ରୀନ ଫିଲଡ୍ କରିଡ଼ର

### ଖର୍ଚ୍ଚ ହେବ ୮୩୦୦କୋଟି

### ଭିତ୍ତିଭୂମି ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବହୁ ପ୍ରତୀକ୍ଷିତ କୋଷ୍ଟାଲ ହାଇୱେକୁ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଆର୍ଥିକ ବ୍ୟାପାରର କ୍ୟାବିନେଟ୍ କମିଟି ଅନୁମୋଦନ କରିଛନ୍ତି। ଖୋର୍ଦ୍ଧା ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂଆ ଗ୍ରୀନଫିଲଡ୍ କୋଷ୍ଟାଲ ହାଇୱେ(ଉପକୂଳ ରାଜପଥ) ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ଏହି ୧୬୦.୧୮କିମି ଲମ୍ବ ବିଶିଷ୍ଟ କୋଷ୍ଟାଲ ହାଇୱେ ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ୮୩୦୦.୭୯କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁର କରିଛନ୍ତି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ହାଇବ୍ରିଡ୍ ଆନୁଇଟି ମଡେଲ ମାଧ୍ୟମରେ ହେବ। ସୂଚନା ଅନୁସାରେ, ଏହି କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ଦୁଇଟି ପ୍ୟାକେଜରେ କାର୍ଯ୍ୟକାରୀ କରାଯିବ। ପ୍ରଥମ ପ୍ୟାକେଜରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମି ବିଶିଷ୍ଟ ୪ଲେନ୍ ପ୍ରବେଶ ନିୟନ୍ତ୍ରିତ ରାଜପଥ ନିର୍ମାଣ ହେବ, ଯେଉଁଥିରେ ୫୩୦୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ସେହିପରି ଦ୍ୱିତୀୟ ପ୍ୟାକେଜରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୮୦.୮ କିମି ବିଶିଷ୍ଟ ପେଭଡ୍ ସୋଲ୍ଡର ସହିତ ୨ ଲେନ୍ ରାଜପଥ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି, ଯେଉଁଥିପାଇଁ ମୋଟ ୨୯୯୬ କୋଟି ଟଙ୍କା ବ୍ୟୟ କରାଯିବ। ଉଭୟ ପ୍ରକଳ୍ପ ପାଇଁ ମୋଟ ରିହାତି ଅବଧି ୧୭.୫ ବର୍ଷ ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ଅଢ଼େଇ ବର୍ଷର ନିର୍ମାଣ ସମୟ ଓ ୧୫ ବର୍ଷର



ପରିଚାଳନା ଓ ରକ୍ଷଣାବେକ୍ଷଣ ସାମିଲ ରହିଛି। ଏହି ଅତ୍ୟାଧୁନିକ ରାଜପଥର ଡିଜାଇନ୍ ଘଣ୍ଟା ପ୍ରତି ୧୦୦ କିମିର ବେଗରେ ଯାନବାହନ ଚଳାଚଳ ଲାଗି ପ୍ରସ୍ତୁତ କରାଯିବ, ଯାହା ରାମେଶ୍ୱର ଓ ପାରାଦୀପ ମଧ୍ୟରେ ଯାତ୍ରା ସମୟକୁ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ। ● ପୃଷ୍ଠା : ୨

## ଏବେ ଅଦାଲତରେ ଏଆଇ

ନୂଆଦିଲ୍ଲୀ : କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ନେଇ ଆସିଲା ବଡ ଖବର। ଏଣିକି ଦେଶର ବିଭିନ୍ନ କୋର୍ଟରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଏବଂ ଉନ୍ନତ କରିବା ପାଇଁ ଏଆଇ ବ୍ୟବହାର କରାଯାଇପାରିବ। ସୁପ୍ରିମକୋର୍ଟର କୃତ୍ରିମ ବୁଦ୍ଧିମତ୍ତା କମିଟି "ଅଦାଲତରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ୨୦୨୬" ବିଲର ଏକ ଡ୍ରାଫ୍ଟ ପ୍ରକାଶ କରିଛି। ସାରା ଦେଶର ଓକିଲ, ଜନସାଧାରଣ, ନ୍ୟାୟିକ ଅଧିକାରୀ ଏବଂ ଆଇନ ବିଶେଷଜ୍ଞମାନଙ୍କୁ ଜୁନ୍ ୨୦ ତାରିଖ ସୁଦ୍ଧା ସେମାନଙ୍କର ପରାମର୍ଶ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଦ୍ୱାରା ତ୍ରୁଟିଗୁଡ଼ିକୁ ଦୂର କରିବା ପରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ।

ଡ୍ରାଫ୍ଟ ଅନୁଯାୟୀ, ଦେଶର ବିଭିନ୍ନ କୋର୍ଟରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଏବଂ ଉନ୍ନତ କରିବା ପାଇଁ ଏଆଇ ବ୍ୟବହାର କରାଯାଇପାରିବ। ଏହା ମାମଲା ପରିଚାଳନା, କାରଣ ତାଲିକା ପ୍ରସ୍ତୁତ କରିବା, ● ପୃଷ୍ଠା : ୨

## ରକ୍ଷକ ସାଜୁଛି ଭକ୍ଷକ

## ରାଜ୍ୟରେ ଲଗାମ ଛଡ଼ା ପୋଲିସ୍ ବିଭାଗ




କବିସୂର୍ଯ୍ୟନଗର : ବାଲିଅନ୍ତା ସୌମ୍ୟ ମୃତ୍ୟୁ ଘଟଣାରେ ପୋଲିସ୍‌ର ଉପସ୍ଥିତି। ବାରଙ୍ଗ ଥାର୍ଡ ଡିଗ୍ରୀ ଘଟଣାରେ ଜଣେ ନିର୍ଦ୍ଦୋଶକୁ ଦଣ୍ଡଦେଇ ହସ୍‌ପିଟାଲରେ ଭର୍ତ୍ତିକରିବା ହେଉ କି କେନ୍ଦ୍ରାପଡ଼ା ତାଳଚୁଆ ଘଟଣାରେ ଅଭିଯୋଗକାରୀ ମା-ପୁଅଙ୍କୁ ବାଡ଼େଇ ମର୍ମନ୍ତୁତ ଅବସ୍ଥା କରିବା, ସଭା ଶେଷରେ ଏତଲାରେ ନାଁ ନଥାଇ ଜଣେ ଦିବ୍ୟାଙ୍ଗଙ୍କୁ ଥାନାକୁ ଆଣି ବାଡେଇ ମାରିବା ରାଜ୍ୟ ଆଇନ୍ ବ୍ୟବସ୍ଥା ଉପରେ ଏବଂ ପୋଲିସ୍ ବ୍ୟବସ୍ଥା ● ପୃଷ୍ଠା : ୨

### ଦିଲ୍ଲୀରେ ଗଞ୍ଜାମର ଗୌରବ

## ମିଳିଲା ୩ ପ୍ରତିଷ୍ଠିତ ଜାତୀୟ ପୁରସ୍କାର




ଛତ୍ରପୁର : ପୁଣି ଥରେ ଦିଲ୍ଲୀରେ ଚମକିଛି ଗଞ୍ଜାମ ଜିଲ୍ଲା। ଜିଲ୍ଲାକୁ ମିଳିଛି ୩ଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର। ଜିଲ୍ଲାର ୨ଟି ପଞ୍ଚାୟତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଥିବାବେଳେ ଗଞ୍ଜାମ ଜିଲ୍ଲା ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇବାର ଗୌରବ ହାସଲ କରିଛି । ସମଗ୍ର ରାଜ୍ୟରୁ ୪ଟି ପଞ୍ଚାୟତ ଏବଂ ଗୋଟିଏ ଜିଲ୍ଲା ଏହି ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେଥିରୁ ୩ଟି ପୁରସ୍କାର ଏକାକୀ ଗଞ୍ଜାମ ଜିଲ୍ଲା ପାଇବାକୁ ସକ୍ଷମ ହୋଇଛି । ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ 'ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ' ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଥିବାବେଳେ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ଦେଶର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇପାରିଛି । ● ପୃଷ୍ଠା : ୨



## ପ୍ରଥମ ପୃଷ୍ଠାରୁ...

**ରାମେଶ୍ୱର :** ଏହି କୋଷ୍ଟାଲ ହାଇୱେ ପ୍ରକଳ୍ପ ପିଏମ୍ ଗତିଶକ୍ତି ନୀତି ସହିତ ସମନ୍ୱିତ ହୋଇଥିବାରୁ ଏହା ଓଡ଼ିଶାର ପ୍ରମୁଖ ୯ଟି ଆର୍ଥିକ କେନ୍ଦ୍ର ଯଥା ଭୁବନେଶ୍ୱର ଓ ଖୋର୍ଦ୍ଧାର ଦୁଇଟି ଏସଇଜେଡ୍ , ଭୁବନେଶ୍ୱର ମେଗା ଫୁଡ୍ ପାର୍କ, କଟକର ଫାର୍ମା କ୍ଲଷ୍ଟର ଏବଂ ପାରାଦୀପ, କୋଣାର୍କ, ଜଗତସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ାର ମତ୍ସ୍ୟ କ୍ଲଷ୍ଟରକୁ ସଂଯୋଗ କରିବ। ଏହାସହିତ ପୁରୀ ରେଳ ଷ୍ଟେସନ, ପ୍ରସ୍ତାବିତ ପୁରୀ ଆନ୍ତର୍ଜାତୀୟ ବିମାନବନ୍ଦର, ଅସ୍ତରଙ୍ଗ ବନ୍ଦର, ପାରାଦୀପ ବନ୍ଦର ଓ ଜଗତସିଂହପୁର ସ୍ଥିତ ମଲ୍ଟି-ମୋଡାଲ୍ ଲଜିଷ୍ଟିକ୍ସ ପାର୍କ ଭଳି ୫ଟି ପ୍ରମୁଖ ଲଜିଷ୍ଟିକ୍ସ କେନ୍ଦ୍ରକୁ ମଧ୍ୟ ସିଧାସଳଖ ଯୋଡ଼ିବ। ବିଶେଷକରି ଏହା ପାରାଦୀପ ବନ୍ଦର ଓ ଓଡ଼ିଶାର ଅନ୍ୟାନ୍ୟ ଆଗାମୀ ବନ୍ଦରଗୁଡ଼ିକ ସହ ସବୁଦିନିଆ ଅନୁକୂଳ ରାସ୍ତା ସଂଯୋଗୀକରଣ ଯୋଗାଇଦେବ, ଯାହା ଲଜିଷ୍ଟିକ୍ସ ଏବଂ ଶିଳ୍ପ ବିକାଶକୁ ଗତିଶୀଳ କରାଇବ। ଏହି କୋଷ୍ଟାଲ ହାଇୱେ ନିର୍ମାଣ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରୀ ବେଳାଭୂମି ଭଳି ପ୍ରମୁଖ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ସିଧାସଳଖ ପହଂଚି ପାରିବେ। ଏହି ସମଗ୍ର ସଡ଼କ ନିର୍ମାଣ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଅଂଚଳରେ ପ୍ରାୟ ୫୩.୬୧ ଲକ୍ଷ ପ୍ରତ୍ୟକ୍ଷ ଓ ୬୭.୦୧ ଲକ୍ଷ ପରୋକ୍ଷ ମାନବ ଦିବସ ନିଯୁକ୍ତି ସୃଷ୍ଟି ହେବ, ଯାହା ଓଡ଼ିଶାର କର୍ମସଂସ୍ଥାନ ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି କୁହାଯାଇଛି। ଏବେ ଚେନ୍ନାଇ-କୋଲକାତା ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପର ଅଂଶବିଶେଷ ୬ଲେନ୍ ବିଶିଷ୍ଟ ଏନଏଚ-୧୬ ପୂର୍ବରୁ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକକୁ ଯୋଡୁଥିବାବେଳେ ଏନଏଚ-୩୧୬ ଭୁବନେଶ୍ୱର ଓ ପୁରୀକୁ ସଂଯୋଗ କରୁଛି। ମାତ୍ର ପୁରୀ-ସାତପଡ଼ା ଓ ପୁରୀ-କୋଣାର୍କ ଭାଗରେ ସଡ଼କର ଜ୍ୟାମିତିକ ଢାଂଚା ଅତ୍ୟନ୍ତ ଖରାପ ରହିବା ସହ ରାସ୍ତାକଡ଼ରେ ବ୍ୟାପକ ନିର୍ମାଣ କାର୍ଯ୍ୟ ଓ ଅତ୍ୟଧିକ ସ୍ଥାନୀୟ ଜନଗହଳି ଯୋଗୁଁ ଦୀର୍ଘ ଦୂରଗାମୀ ଯାନବାହନ ଚଳାଚଳ ପାଇଁ ଏହି ମାର୍ଗ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି। ତେବେ ଏହି ନୂଆ କୋଷ୍ଟାଲ ହାଇୱେ ଉଭୟ ଏନଏଚ-୧୬ ଓ ଏନଏଚ-୩୧୬ ପାଇଁ ଏକ ପ୍ରଭାବଶାଳୀ ବିକଳ୍ପ ମାର୍ଗ ସାଜିବ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ରାମେଶ୍ୱରରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନିର୍ମାଣ କରିବାକୁ ପୂର୍ବରୁ ଘୋଷଣା କରିଥିଲେ। ଆଜି ଏହି ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ଲାଭ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସ୍ୱାଗତ କରିଛନ୍ତି।

**ମିଳିଲା :** ସେହିପରି ଗଞ୍ଜାମ ଜିଲ୍ଲାକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି । ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ହସ୍ତରୁ ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ,ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଏପିଡି ବିଜୟ ବେହେରାଙ୍କ ସମେତ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ପିଇଓ ରୋଜାଲିନ ବେହେରା, ମନ୍ଦାର ସରପଞ୍ଚ ସୁନିତା ଜେନା ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବାଣୀ ସୁକାନ୍ତ ପ୍ରମୁଖ ଜିଲ୍ଲାବାସୀଙ୍କ ତରଫରୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଛନ୍ତି । ପୁରସ୍କାର ବାବଦରେ ଗଞ୍ଜାମ ଜିଲ୍ଲାକୁ ୩କୋଟି ଟଙ୍କା, ମନ୍ଦାର ପଞ୍ଚାୟତକୁ ୩୭.୫୦ଲକ୍ଷ ଟଙ୍କା ଓ ପୋଟଲାମପୁର ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି । ଏହି ଐତିହାସିକ ସଫଳତା ଜନପ୍ରତିନିଧି, ପଞ୍ଚାୟତିରାଜ ଜନ ପ୍ରତିନିଧି, ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବୋପରି ଗଞ୍ଜାମବାସୀଙ୍କ ସାମୂହିକ ନିରନ୍ତର ଉଦ୍ୟମ ଓ ପାରସ୍ପରିକ ସହଯୋଗ ଫଳରେ ଗଞ୍ଜାମ ଜିଲ୍ଲାକୁ ଏହି ସର୍ବଭାରତୀୟ ଗୌରବ ମିଳିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ୱାସନ କହିଛନ୍ତି। ସମସ୍ତ ଶ୍ରେୟ ଜିଲ୍ଲାବାସୀଙ୍କର ବୋଲି ସେ କହିଛନ୍ତି । ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳକାରୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି ।ସ୍ଥାନୀୟ ଅଞ୍ଚଳରେ ବିକାଶ ଲକ୍ଷ୍ୟ ନେଇ ଭାରତ ସରକାର ୯ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ଏହି ମାନଦଣ୍ଡରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ହେତୁ ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିପାରିଛି । ଆଗରୁ ମଧ୍ୟ ଗଞ୍ଜାମ ଜିଲ୍ଲା ସର୍ବଭାରତୀୟ ସ୍ତରରେ ବିଭିନ୍ନ ସମ୍ମାନଜନକ ପୁରସ୍କାର ପାଇଆସିଛି । ଗଞ୍ଜାମ ଜିଲ୍ଲା ତାହାର ପୂର୍ବ ସୁନାମକୁ ବଜାୟ ରଖିପାରିଛି ବୋଲି ଜିଲ୍ଲାପାଳ କହିବା ସହ ଗଞ୍ଜାମବାସୀଙ୍କୁ ଏକକ ପ୍ଲାଷ୍ଟିକ ବର୍ଜନ କରି ପ୍ରକୃତି ଓ ପରିବେଶକୁ ସମୃଦ୍ଧ କରିବା, ବ୍ୟାପକ ଚାରାରୋପଣ କରିବା, ସବୁବେଳେ ନୀତିନିୟମକୁ ମାନିବା, ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ସାହିତ୍ୟ ଓ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସୁନାମକୁ ବିଶ୍ୱସ୍ତରକୁ ନେବା ପାଇଁ ସେ ଜିଲ୍ଲାବାସୀଙ୍କୁ ଏ ଅବସରରେ ଆହ୍ୱାନ କରିଛନ୍ତି । ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

**ଏବେ :** ଶୁଣାଣି ତାରିଖ ସ୍ଥିର କରିବା ଏବଂ ମାମଲାଗୁଡ଼ିକୁ ପ୍ରାଥମିକତା ଦେବାରେ ସହାୟତା କରିବ। କୋର୍ଟ କାର୍ଯ୍ୟର ଟ୍ରାନ୍ସକ୍ରିପସନ, ରାୟ ଏବଂ ଆବେଦନର ଅନୁବାଦ, ଆଇନଗତ ଗବେଷଣା, ଉଦ୍ଧୃତି ଯାଞ୍ଚ ଏବଂ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଏଆଇ ସାହାଯ୍ୟରେ କରାଯାଇପାରିବ। ଡ୍ରାଫ୍ଟ ପ୍ରକାଶ କରିବାରେ, ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏଆଇ କୌଣସି ମାମଲାର ଫଳାଫଳ ପୂର୍ବାନୁମାନ କରିପାରିବ ନାହିଁ କିମ୍ବା ବିଚାରପତିଙ୍କ ଭୂମିକା ଗ୍ରହଣ କରିପାରିବ ନାହିଁ। ତେଣୁ, ଏକ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି କେବଳ ବିଚାରପତିମାନଙ୍କ ଉପରେ ନିର୍ଭର କରିବ। ଡ୍ରାଫ୍ଟ ଅନୁଯାୟୀ, ଏଆଇ କେବଳ କୋର୍ଟରେ ସହାୟକ ଭାବରେ କାର୍ଯ୍ୟ କରିବ। ଏଆଇ ଦ୍ୱାରା ଲିଖିତ ଯେକୌଣସି ବିଷୟବସ୍ତୁ, ପରାମର୍ଶ, ଅନୁବାଦ ଏବଂ ଏହା ଦ୍ୱାରା କରାଯାଇଥିବା ଟ୍ରାନ୍ସକ୍ରିପସନଗୁଡ଼ିକୁ କେବଳ ଯାଞ୍ଚ ପରେ ବ୍ୟବହାର କରାଯିବ, ଅନ୍ୟଥା ଭୁଲ ହେବାର ସମ୍ଭାବନା ରହିଛି। ଡ୍ରାଫ୍ଟରେ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏଆଇ ବ୍ୟବହାର ଉପରେ ପ୍ରତିବନ୍ଧକ ମଧ୍ୟ ବ୍ୟବସ୍ଥା କରାଯାଇଛି। ଉଦାହରଣ ସ୍ୱରୂପ, ଜାମିନର ସମ୍ଭାବନା, ଅଭିଯୁକ୍ତଙ୍କ ଭବିଷ୍ୟତ ଆଚରଣ, ପୁନରାବୃତ୍ତିର ସମ୍ଭାବନା, ସାକ୍ଷୀଙ୍କ ବିଶ୍ୱସନୀୟତା କିମ୍ବା ମାମଲାର ସମ୍ଭାବ୍ୟ ଫଳାଫଳ ପୂର୍ବାନୁମାନ କରିବା ପାଇଁ ଏଆଇ ବ୍ୟବହାର କରାଯିବ ନାହିଁ। ସୁପ୍ରିମ କୋର୍ଟ ପ୍ରସ୍ତାବ ଦେଇଛନ୍ତି ଯେ କୋର୍ଟରେ କୌଣସି ଏଆଇ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପୂର୍ବରୁ, ଏହା "ନିୟନ୍ତ୍ରିତ ପରିବେଶ ପରୀକ୍ଷା" କରିବ, ଅର୍ଥାତ୍ ଏହାର ବ୍ୟବହାର ଏକ ନିୟନ୍ତ୍ରିତ ଏବଂ ସୁରକ୍ଷିତ ପରିବେଶରେ ପରୀକ୍ଷା କରାଯିବ। ପରୀକ୍ଷା ପାଇଁ ଏଆଇ ବ୍ୟବସ୍ଥାର ଆଉଟପୁଟ୍ କୌଣସି ପ୍ରକୃତ ନ୍ୟାୟିକ ପ୍ରକ୍ରିୟା କିମ୍ବା ପ୍ରଶାସନିକ ନିଷ୍ପତ୍ତିରେ ମଧ୍ୟ ବ୍ୟବହାର କରାଯିବ ନାହିଁ। ଏଆଇ ଡ୍ରାଫ୍ଟରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି। ତଥ୍ୟ ସୁରକ୍ଷା, ଗୋପନୀୟତା ଏବଂ ନ୍ୟାୟିକ ସ୍ୱାଧୀନତା ହେଉଛି ମୂଳଦୁଆ। ଏଆଇ ସହ ଜଡିତ ଯେକୌଣସି ତ୍ରୁଟି, ପକ୍ଷପାତ କିମ୍ବା ଭୁଲ ସୂଚନା ଉପରେ ନଜର ରଖିବା ପାଇଁ ଏକ କମିଟି ମଧ୍ୟ ପ୍ରସ୍ତାବିତ ହୋଇଛି।

# ୨୦,୦୦୦ କୋଟିର ଡ୍ରୋନ୍ କିଣିବେ ସରକାର



## ସ୍ୱଦେଶୀ ଡ୍ରୋନ୍ ଡିଲ୍

ନୂଆଦିଲ୍ଲୀ : ବଦଳୁଥିବା ସମୟ ଏବଂ ଆଧୁନିକ ଯୁଦ୍ଧ କୌଶଳକୁ ଦୃଷ୍ଟିରେ ରଖି ଭାରତୀୟ ସଶସ୍ତ୍ର ସେନା ନିଜକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବାକୁ ଯାଉଛି । ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଆହୁରି ମଜବୁତ କରି ଭାରତ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି । ସେନା ପାଇଁ ଦେଶର ଇତିହାସରେ ସବୁଠାରୁ ବଡ଼ 'ସ୍ୱଦେଶୀ ଡ୍ରୋନ୍' କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାୟ ୨ ବିଲିୟନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୨୦,୦୦୦ କୋଟି ଟଙ୍କାର ଏହି ବିଶାଳ ଡିଲ୍ ସମ୍ପୂର୍ଣ୍ଣ ଭାବେ ଭାରତୀୟ କମ୍ପାନୀଗୁଡ଼ିକ ସହିତ କରାଯାଉଛି । ଏହି ମେଗା ଡିଲ୍ ଭାରତୀୟ ସେନାର ଶକ୍ତିକୁ ବହୁଗୁଣିତ କରିବା ସହ ଶତ୍ରୁ ଶିବିରରେ କମ୍ପନ ସୃଷ୍ଟି କରିଛି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ସେନାକୁ ସର୍ବଦା ଯୁଦ୍ଧ ଏବଂ ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରଖିବା ସହ ସାମରିକ ଆଧୁନିକୀକରଣ ଲକ୍ଷ୍ୟରେ ଏହି ସୌଦା କରାଯାଉଛି । ଏହି ବିଶାଳ କ୍ରୟ ପ୍ରକ୍ରିୟା ପାଇଁ ସରକାର 'ଫାଷ୍ଟ-ଟ୍ରାକ୍ କ୍ରୟ ପ୍ରକ୍ରିୟା' ଆପଣାଇପାରନ୍ତି । ଅନମ୍ୟାନ୍ଡ ଏରିଆଲ୍ ଭେହିକିଲ୍ (ଟଇଠ) ବା ଡ୍ରୋନ୍ ସିଷ୍ଟମର ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ୧୮ ରୁ ୨୪ ମାସ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତୀୟ କମ୍ପାନୀଗୁଡ଼ିକ ଚଳିତ ବର୍ଷଠାରୁ ହିଁ ସେନାକୁ ଡ୍ରୋନ୍ ଯୋଗାଇବା ଆରମ୍ଭ କରିଦେବେ ବୋଲି ଆଶା କରାଯାଉଛି । ନିକଟରେ ହୋଇଥିବା ୩,୦୦୦ କୋଟିର ଟାକ୍ଟିକାଲ୍-କ୍ଲାସ୍ ଡ୍ରୋନ୍ ଡିଲ୍ ତୁଳନାରେ ଏହି ନୂତନ ୨୦,୦୦୦ କୋଟିର ମେଗା ଡିଲ୍ ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ଗେମ୍-ଚେଞ୍ଜର ସାବ୍ୟସ୍ତ ହେବ। 'ଅପରେସନ ସିନ୍ଦୂର' ପରଠାରୁ ହିଁ ପ୍ରତିରକ୍ଷା ମନ୍ତ୍ରଣାଳୟ ସେନାରେ ଡ୍ରୋନ୍ ବା ମାନବବିହୀନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦେଇଆସୁଛି । ବର୍ତ୍ତମାନ ସମୟରେ ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ମଧ୍ୟ-ପ୍ରାଚ୍ୟରେ ଇରାନ-ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷରୁ ଡ୍ରୋନର ପ୍ରକୃତ ସାମର୍ଥ୍ୟ ସ୍ପଷ୍ଟ ହୋଇସାରିଛି । ଆଧୁନିକ ଯୁଦ୍ଧକ୍ଷେତ୍ରରେ ଡ୍ରୋନ୍ ଏକ ସାଧାରଣ ଉପକରଣ ନୁହେଁ, ବରଂ ଏକ ବ୍ରହ୍ମାସ୍ତ୍ର ଭାବେ ଉଭା ହୋଇଛି । ଶତ୍ରୁର ଗତିବିଧି ଉପରେ ନଜର ରଖିବା ଏବଂ ଗୁପ୍ତ ସୂଚନା ଆଣିବାରେ ଏହା ସବୁଠାରୁ କାର୍ଯ୍ୟକ୍ଷମ । କୌଣସି ମାନବୀୟ ଭୁଲ୍ ବିନା ଶତ୍ରୁର ଆଡ୍ଡାକୁ ସଠିକ୍ ଭାବେ ଧ୍ୱଂସ କରିବାର କ୍ଷମତା ଏହି ଡ୍ରୋନ୍ ଗୁଡ଼ିକ ପାଖରେ ରହିଛି । ଦୁର୍ଗମ ଅଞ୍ଚଳରେ ଥିବା ସୈନିକମାନଙ୍କ ପାଖକୁ ଯୁଦ୍ଧ ସାମଗ୍ରୀ, ଔଷଧ ଓ ଖାଦ୍ୟ ପହଞ୍ଚାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଡ୍ରୋନର ବ୍ୟବହାର ଯୋଗୁଁ ଯୁଦ୍ଧଭୂମିରେ ସୈନିକମାନଙ୍କ ଜୀବନହାନି ଆଶଙ୍କା ଯଥେଷ୍ଟ କମିଯାଇଥାଏ । ଏହା ସହିତ ଏହା ଏକ ଅତ୍ୟନ୍ତ ଶସ୍ତା, ସୁଗମ ଏବଂ ସଠିକ୍ ରଣନୀତିକ ଅସ୍ତ୍ର । ପ୍ରତିରକ୍ଷା କ୍ଷେତ୍ରରେ କେବଳ ବିଦେଶୀ ଜ୍ଞାନକୌଶଳ ଉପରେ ନିର୍ଭର ନକରି ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ଦେବାର ସୁଫଳ ଏବେ ମିଳିବାକୁ ଆରମ୍ଭ କରିଛି । ମିଲିଟ୍ରି ସେକ୍ଟରରେ ନୀତିଗତ ପରିବର୍ତ୍ତନ ଯୋଗୁଁ ଦେଶରେ ଡ୍ରୋନର ଚାହିଦା ବହୁତ ବଢ଼ିଯାଇଛି । ବର୍ତ୍ତମାନ ଭାରତରେ ୬୦୦ ରୁ ଅଧିକ କମ୍ପାନୀ ଏବଂ ଡିଫେନ୍ସ ଷ୍ଟାର୍ଟଅପ୍ ରହିଛନ୍ତି, ଯେଉଁମାନେ ଅତ୍ୟାଧୁନିକ ଡ୍ରୋନ୍ ଏବଂ ଏହାର ଯନ୍ତ୍ରାଂଶ ପ୍ରସ୍ତୁତ କରୁଛନ୍ତି । ସରକାରୀ ସଂସ୍କାର ଏବଂ ସହଜ ନୀତି ଯୋଗୁଁ ଏହି କ୍ଷେତ୍ରରେ ଇନୋଭେସନ ବୃଦ୍ଧି ପାଇବା ସହ ବହୁ ପରିମାଣର ନିବେଶ ମଧ୍ୟ ଆକର୍ଷିତ ହେଉଛି । ଏହି ୨୦,୦୦୦ କୋଟିର ସୌଦା ଭାରତୀୟ ପ୍ରତିରକ୍ଷା ଶିଳ୍ପକୁ ଏକ ନୂଆ ଉଚ୍ଚତାକୁ ନେଇଯିବ ଏବଂ ଭବିଷ୍ୟତରେ ଭାରତ ବିଶ୍ୱର ଏକ ପ୍ରମୁଖ ଡ୍ରୋନ୍ ହବ୍ ଭାବେ ଉଭା ହେବାର ପଥ ପରିଷ୍କାର କରିବ ।

**ରାଜ୍ୟରେ :** ଲଗାମ୍ ଛଡ଼ା ବୋଲି ସାଧାରଣ ଲୋକଙ୍କ ଭିତରେ ଆଲୋଚନା ଜୋର୍ ଧରିଲାଣି। ଏଥିପାଇଁ ମୋହନ ସରକାର ଉପରେ ଦୈନିକ ସାଧାରଣ ଜନତା ବର୍ଷିବା ଆରମ୍ଭ କଲେଣି। କେତେକ ସ୍ଥାନରେ ଲୋକଙ୍କ ସରକାର କ'ଣ କରୁଛି ? କାହିଁକି ଏ ଅପରାଧି ପୋଲିସ୍ ମାନଙ୍କୁ ଘଣ୍ଟ ଘୋଡ଼ାଉଛି ? ଏହା ଦ୍ୱାର ବିଜେପି ସରକାରଙ୍କ କ'ଣ ସ୍ୱାର୍ଥ ସାଧନ ହେଉଛି ? ଜନତା ଖୋଲାଖୋଲି ଭାବେ ପ୍ରଶ୍ନ ପଚାରିବା ଆରମ୍ଭ କଲେଣି। ପୋଲିସ୍ ଥାନା ଏବଂ ପୋଲିସ୍ ଆଗାମୀ ଦିନରେ ସାଧାରଣ ଜନତାଙ୍କ ଅକ୍ରୋଶର ଶୀକାର ନ ହେବେ ଏଇ କଥା କହିହେବ ନାହିଁ। ତେଣୁ ଅନ୍ୟରାଜ୍ୟ ଭଳି ଅପରାଧୀ ପୋଲିସ୍‌ଙ୍କୁ ଜେଲ୍ ଦଣ୍ଡାଦେଶ ସହ ଦୋଷୀ ସାବ୍ୟସ୍ତ କରିବାକୁ 'ହିମ୍ମତ୍'ର ଏକ ସର୍ଭେ ରିପୋର୍ଟରେ କିଛି ପାଠକ ମତ ଦେଇଛନ୍ତି। ଦେଇଥିଲେ ଆଇପିଏସ୍ । ହେଲେ ସେଥିରେ ନଥିଲା ଦିବ୍ୟାଙ୍ଗ ସୁଶାନ୍ତ ସାହୁଙ୍କ ନାଁ । ପୋଲିସ ଏତଲା ରୁଜୁ କରିବା ପରେ ମଧ୍ୟ ସୁଶାନ୍ତଙ୍କ ନାଁ ଯୋଡ଼ି ନଥିଲା । ହେଲେ ବିନା ଏତଲା, ବିନା ଅଭିଯୋଗରେ ପୋଲିସ ଦିବ୍ୟାଙ୍ଗ ସୁଶାନ୍ତ କୁମାର ସାହୁଙ୍କୁ ସପ୍ତାହେ ଧରି ଥାନାରେ ଅଟକ ରଖିଥିଲା । କବିସୂର୍ଯ୍ୟନଗର ଥାନା ପୋଲିସର ନିର୍ଯାତନାରେ ଦିବ୍ୟାଙ୍ଗ ସୁଶାନ୍ତ ସାହୁଙ୍କ ମୃତ୍ୟୁ ପରେ ଅଡୁଆ ବଢ଼ିବାରେ ଲାଗିଛି । ଅର୍ଗସ୍ ନ୍ୟୁଜ୍ ହାତରେ ଲାଗିଛି ସେଦିନର ଏଫ୍‌ଆଇଆର୍ କପି । ଏତଲାର କୌଣସି ଜାଗାରେ ବି ସୁଶାନ୍ତ ସାହୁଙ୍କ ନାଁ ଉଲ୍ଲେଖ ନାହିଁ । ଅର୍ଥାତ୍ ସୁଶାନ୍ତ କୌଣସି ମାମଲାରେ ଅଭିଯୁକ୍ତ ନ ଥାଇ ମଧ୍ୟ ପୋଲିସ ତାଙ୍କୁ ମେ ୨୫ ତାରିଖରେ ଉଠାଇ ଆଣିଥିଲା । ନିଲମ୍ବିତ ଆଇପିଏସ୍ ନୀତେଶ ମିଶ୍ର ମେ ୨୧ ତାରିଖରେ ଏତଲା ଦେଇଥିଲେ । ଯେଉଁଥିରେ ସେ ମେ ୨୦ ତାରିଖ ସନ୍ଧ୍ୟାରେ ସୁବଳୟା ଗାଁ ପାଖରେ ଥିବା ପଥର ଖଣିରେ ରେଡ୍ କରିଥିଲେ । ସେହି ସମୟରେ ୪ ଜଣ ମିଶି ପୋଲିସ ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଆକ୍ରମଣ କରିଥିବା ଉଲ୍ଲେଖ କରିଛନ୍ତି ।

ଆଇପିଏସ୍ ନୀତେଶ ମିଶ୍ର ଦେଇଥିବା ଏତଲାରେ ଦିଲ୍ଲୀପ ସାହୁ, ବସନ୍ତ ସାହୁ, ଈଶ୍ୱର ସାହୁ ଓ ପ୍ରତିମା ସାହୁଙ୍କ ନାଁ ଅତ୍ୟନ୍ତ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ଏତଲାରେ ସୁଶାନ୍ତଙ୍କ ନାଁ ଲେଖା ଯାଇ ନାହିଁ । ଏଥିରେ ଲେଖା ଅଛି । ଖଣିରେ ଯାହା ଘଟିଲା ନିଜ ଆଖିରେ ସବୁକିଛି ଦେଖିଥିବା ଆଇପିଏସ ନୀତେଶ ମିଶ୍ର ଏତଲାରେ ଲେଖିଛନ୍ତି । ତଥାପି କବିସୂର୍ଯ୍ୟନଗର ପୋଲିସ ଏତଲାରେ ନାଁ ନ ଥିବା ସୁଶାନ୍ତ ସାହୁଙ୍କୁ ମେ ୨୫ ତାରିଖରେ ଘରୁ ଉଠାଇ ଆଣିଥିଲା । ଥାନାରେ ମେ ୩୧ ପର୍ଯ୍ୟନ୍ତ ରଖି ନାନା ନିର୍ଯାତନା ଦେଇଥିଲା । ଆଉ ସୁଶାନ୍ତଙ୍କ ଅବସ୍ଥା ଗୁରୁତର ହେବା ପରେ ଘର ଲୋକଙ୍କୁ ଡାକି ସାଦା କାଗଜରେ ଦସ୍ତଖତ କରି ଛାଡ଼ି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଥାନାରୁ ସୁଶାନ୍ତ ମୁକୁଳିବା ପରେ ଘର ଲୋକେ ତାଙ୍କୁ ପ୍ରଥମେ ଆସିକା ପରେ ବ୍ରହ୍ମପୁର ବଡ଼ ମେଡିକାଲ୍ ନେଇଥିଲେ । ସେଠାରେ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିଲା । ତେବେ ଏତଲାରେ ନାଁ ନଥାଇ ସୁଶାନ୍ତଙ୍କୁ କେଉଁ ଅଧିକାରର ପୋଲିସ ଅଟକ ରଖିଥିଲା ? ତାହା ବି ଗୋଟିଏ ସପ୍ତାହ ଧରି... । ଏବେ ତାକୁ ନେଇ ପ୍ରଶ୍ନ ଉଠିଛି । ପୁଅର ମୃତ୍ୟୁ ପରେ ସୁଶାନ୍ତଙ୍କ ବାପା କହିଛନ୍ତି ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ନିଲମ୍ବନ ନୁହେଁ ଜେଲ୍ ପଠାଯାଉ । ଥାନାର ସମସ୍ତଙ୍କୁ ବଦଳି, ୩ ନିଲମ୍ବିତ : କବିସୂର୍ଯ୍ୟନଗର ଥାନାରେ ସମସ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଆଇପିଏସ୍ ନୀତେଶ କୁମାର ମିଶ୍ରଙ୍କ ବଦଳି ଜିଲ୍ଲା ମୁଖ୍ୟାଳୟକୁ କରାଯାଇଛି । ତିନିଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛି ଗଞ୍ଜାମ ଏସ୍‌ପି ହରୀଶ ବିଶି । କବିସୂର୍ଯ୍ୟନଗର ଥାନା ଏସ୍‌ଆଇ ସମୀର ରାଉତ, ଏଏସ୍‌ଆଇ ବୈକୁଣ୍ଠ ନାଥ ଜେନା, କନେଷ୍ଟବଳ ସୁମନ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି । ହୋମଗାର୍ଡ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ଚାକିରିରୁ ବହିଷ୍କାର ପାଇଁ ପଦକ୍ଷେପ ନିଆଯିବ ବୋଲି ଗଞ୍ଜାମ ଏସ୍‌ପି ସୂଚନା ଦେଇଛନ୍ତି ।

## ପରିବେଶ ଦିବସ ଅବସରରେ ସୁବାସ ମହାରଣା ୧୦୮ ବରଗଛ ଲଗାଇଲେ




ବ୍ରହ୍ମପୁର/ଲାଞ୍ଜିପଲ୍ଲୀ : ପରିବେଶବିତ୍ ସୁବାସ ମହାରଣାଙ୍କ ପକ୍ଷରୁ ପରିବେଶ ଦିବସରେ ଲାଞ୍ଜିପଲ୍ଲୀ ବଡ଼ଗୋଦରା ପୋଖରୀ ବନ୍ଧରେ ୧୦୮ ବରଗଛ ଚାରା ରୋପଣ କରାଯାଇଛି । ଏହି ଅବସରରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ସୁବାସ ମହାରଣା କହିଛନ୍ତି, ବରଗଛ ସବୁଠାରୁ ଅଧିକ ଅମ୍ଳଜାନ ଦିଏ। ଏବେ ବିରାଟ ବୃକ୍ଷ ବିଭିନ୍ନ କାରଣରୁ କଟା ଯାଉଛି। ଫଳରେ ପକ୍ଷୀ ଓ ଅନ୍ୟାନ୍ୟ ପ୍ରାଣୀଙ୍କ ବାସ ନଷ୍ଟ ହେଉଛି। ଏହି କାର୍ଯ୍ୟକ୍ରମରେ ମୁକୁନ୍ଦ ଗୌଡ଼, ଅଜୟ ମହାରଣା, ଏଙ୍କିଡି ରେଙ୍ଗୀ, କୈଳାସ ପଟ୍ଟନାୟକ, ସ୍ୱାଧୀନ ମହାରଣା, ଅନିଲ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଏମ୍ ସିର କର୍ପୋରେଟରମାନେ, ଯୁବ, ଛାତ୍ର ଓ ମହିଳା ବିଜେଡିର କର୍ମକର୍ତ୍ତା ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ମହାରଣା କହିଛନ୍ତି ଚଳିତ ବର୍ଷ ୫୦୦୦ ରୁ ଅଧିକ ଗଛ ଲଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି




ପାଠକଙ୍କୁ କରେ ଆକର୍ଷଣ...

OMKAR DARPAN

# ଓଁକାର ଦର୍ପଣ

PRGI No. : ORBIL/25A4283 WEEKLY NEWS PAPER ସାପ୍ତାହିକ ଖବରକାଗଜ

● VOL. 01 ● ISSUE NO. 08 ● BRAHMAPUR ● WEEKLY ● 08 TO 14 JUNE, 2026 ● RS. 5.00 ● PAGE-8

● ଭାଗ-୦୧ ● ସଂଖ୍ୟା-୦୮ ● ବ୍ରହ୍ମପୁର ● ସାପ୍ତାହିକ ● ୦୮ - ୧୪ ଜୁନ୍, ୨୦୨୬ ● ମୂଲ୍ୟ : ଟ.୫.୦୦ ● ପୃଷ୍ଠା-୮


Ganjam Shines in Delhi again

## Ganjam District Bags Three Prestigious National Awards

Chatrapur : Ganjam district has once again brought laurels at the national level in New Delhi by securing three prestigious national awards. While two Gram Panchayats of the district have received the Deendayal Upadhyay Panchayat Sustainable Development Awards, Ganjam district has earned the distinction of receiving the Nanaji Deshmukh Sarvottam Panchayat Sustainable Development Award. Out of four Panchayats and one district from the entire State selected for these national awards, Ganjam alone has secured three awards.

Mandar Panchayat of Polsara Block has been recognised as the Second Best "Socially Just and Secure" Panchayat in the country, while Potlampur Panchayat of Chatrapur Block has secured the award for the Third Best Healthy Panchayat in India. Similarly, Ganjam district has been awarded as the Second Best District Panchayat in the country.




At a grand ceremony organised in the national capital New Delhi, the awards, trophies, citations and incentive amounts were received on behalf of the people of Ganjam district from the Union Minister of Panchayati Raj by Zilla Parishad Chairperson Anjali Swain, Ganjam Collector V. Keerthi Vasan, Chief Executive Officer-cum-Chief Development Officer of Ganjam Zilla Parishad Sameer Kumar Jena, APD Bijay Behera, Polsara BDO Shashibhusan Mohapatra, Chatrapur BDO Sambit Sangramjit Sahu, Potlampur Sarpanch Niranjan Pradhan, PEO Rozalin Behera, Mandar Sarpanch Sunita Jena and Bani Sukanta of the Zilla Parishad office.

As part of the awards, Ganjam district has received an incentive amount of Rs 3 crore, Mandar Panchayat Rs 37.50 lakh and Potlampur Panchayat Rs 25 lakh.

Ganjam Collector Shri Vasan stated that this historic achievement has been possible due to the collective and continuous efforts and mutual cooperation of public representatives, Panchayati Raj representatives, district and local administration, Self Help Groups and above all the people of Ganjam district. He said the entire credit goes to the people of the district. The Collector expressed hope that these awards would inspire all Panchayats of the district to undertake more people-centric welfare activities in the future.

The Government of India has laid down nine parameters for achieving development goals at the local level. Ganjam district has secured these national awards due to its excellence in those parameters. Earlier too, Ganjam district has earned several prestigious recognitions at the national level. Stating that Ganjam has successfully maintained its glorious legacy, the Collector appealed to the people of the district to shun single-use plastic, enrich nature and the environment, undertake extensive plantation drives, always follow rules and regulations, and work with greater dedication in the fields of education, health, sports, literature and culture so as to take the district's reputation to the global stage.

Following this national recognition, congratulatory messages have been pouring in from various quarters for Ganjam district.

## Southwest monsoon arrives in Kerala:IMD

New Delhi: The southwest monsoon set over Kerala Thursday, according to the India Meteorological Department (IMD). Typically, the monsoon arrives in Kerala around June 1, which marks the beginning of the Southwest monsoon season (June-September). "The southwest monsoon has further advanced into the remaining parts of southwest and southeast Arabian Sea, some parts of westcentral and eastcentral Arabian Sea, entire Lakshadweep islands, Kerala and Mahe, some parts of Karnataka and Tamil Nadu, remaining parts of Comorin area, southeast Bay of Bengal and some more parts of southwest, westcentral, eastcentral and northeast Bay of Bengal today the 4th June, 2026," the IMD said.



Previously, the weather department had predicted that the monsoon would begin over Kerala May 26; however, the arrival was delayed.

Last week, the department revised its forecast for seasonal rainfall, indicating that it would be below normal. The IMD expects rainfall in India to be around 90% of the long-period average (LPA) this year. The LPA refers to the rainfall recorded in a specific region over a defined period, such as a month or season, averaged over a long duration, typically 30 to 50 years. The long-period average (LPA) of seasonal rainfall over the country as a whole, based on data from 1971 to 2020, is 87 cm. If the monsoon season sees less than 90 pc of LPA rainfall, the IMD classifies it as 'deficient'.

One reason behind the below-normal rainfall could be the emergence of El Nino conditions, which lead to less rain during the monsoon in the country. Currently, neutral El Nino-Southern Oscillation conditions are transitioning towards El Nino conditions over the equatorial Pacific region. The IMD said that El Nino conditions are likely to be weak in June, and moderate to strong in September.

## At least 12 dead, seven injured in Sri Lanka elderly care home blaze

Colombo: At least 12 people were killed and seven others injured after a fire broke out at an elderly care home in Sri Lanka, police said Thursday. The blaze erupted at around 5:30 pm Wednesday at the Mawpiya Sevana Elderly Care Home in Anguruwatota, about 65 km southeast of Colombo, in Kalutara district. Police said 10 residents were found dead at the premises, while two succumbed to injuries after being admitted to the Horana Base Hospital. The owner of the privately run care home was arrested Thursday as investigations into the incident continued, police said. More than 70 elderly residents were at the facility when the fire broke out.

According to police, it was the "worst" incident involving fatalities from a fire in recent times on the island. A total of 51 residents were rescued and have been provided with temporary accommodation at a nearby school. Seven injured persons remain hospitalised, police said.

The fire was doused with the assistance of residents and police. A magisterial inquiry was conducted by Horana Magistrate Lakmini Vidanagamage. Police said charred bodies were recovered from the debris in her presence, including that of a cat. Initial reports had suggested that a gas cylinder explosion may have contributed to the rapid spread of the flames. However, authorities said the exact cause of the fire has not yet been determined. Police said investigations into the incident are continuing.



ପାଠକଙ୍କୁ କରେ ଆକର୍ଷଣ...
OMKAR DARPAN
ଓଁକାର ଦର୍ପଣ
୦୮ - ୧୪ ଜୁନ୍, ୨୦୨୬

ଦେଶରେ ଥିବା ଆଇନଜୀବୀଙ୍କ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ ଲାଗି ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ପକ୍ଷରୁ ୨୦୨୫ ଜାନୁଆରୀରେ ଏକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟ ବାର୍ କାଉନ୍‌ସିଲକୁ ଆଇନଜୀବୀଙ୍କ ଯୋଗ୍ୟତାକୁ ସିଦ୍ଧ କରୁଥିବା ଏକ ଫର୍ମ ବିସିଆଇ ପଠାଇଥିଲା। ସବୁଆଡୁ ତଥ୍ୟ ସଂଗ୍ରହ ପରେ ଜଣାପଡ଼ିଥିଲା ଯେ, ପ୍ରାୟ ୪୦ ପ୍ରତିଶତ ଆଇନଜୀବୀ ସେମାନଙ୍କ ଯାଞ୍ଚ ଫର୍ମ ପୂରଣ କରି ନ ଥିଲେ। ଏଥିସହିତ ଉତ୍ତରପ୍ରଦେଶ ମିରଟ୍‌ର ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ୧୩ ଜଣ ନକଲି ଆଇନ ଡିଗ୍ରୀ ନେଇଥିବା ବିଷୟ ପଦାକୁ ଆସିବା ପରେ ବିସିଆଇ ଆକଳନକୁ ଦୃଢ଼ୀଭୂତ କରିଥିଲା। ଦେଶରେ ଥିବା ନକଲି ଆଇନଜୀବୀଙ୍କ ବିଷୟରେ ବିସିଆଇ ସୁପ୍ରିମକୋର୍ଟଙ୍କୁ ମଧ୍ୟ ଅବଗତ କରିଥିଲା। ନିକଟରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଇନ କ୍ଷେତ୍ରରେ ନକଲି ଯୁବ ଡିଗ୍ରୀଧାରୀ, ବେକାରିମାନେ ଅସରପା ଭଳି ବ୍ୟବସ୍ଥାକୁ ନଷ୍ଟ କରିଦେଉଛନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ଅସରପା ବିଷୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଯାଇଥିଲା। ଏପରିକି ଦେଶର ପ୍ରଧାନ ବିଚାରପତିଙ୍କୁ ଅନେକ ଲୋକ ଖୋଲାଖୋଲି ସମାଲୋଚନା ଓ ଥଟ୍ଟା କରିଚାଲିଛନ୍ତି। ଅସରପା ପ୍ରସଙ୍ଗ ପରିପ୍ରେକ୍ଷୀରେ ବିସିଆଇ ଅଧ୍ୟକ୍ଷ ମନନ କୁମାର ମିଶ୍ର କହିଛନ୍ତି, ଭାରତୀୟ ଅଦାଲତଗୁଡ଼ିକରେ ଆଇନ ବ୍ୟବସାୟ କରୁଥିବା ଓକିଲଙ୍କ ଭିତରୁ ପ୍ରାୟ ୩୦ରୁ ୪୦ ପ୍ରତିଶତଙ୍କର ଶିକ୍ଷାଗତ ଯୋଗ୍ୟତା ନକଲି ଥିବା ଜଣାପଡ଼ିଛି। ଏଠାରେ କୁହାଯାଇପାରେ ଯେ, ଏପରି ଅଭିଯୋଗ ବାହାରୁ କରାଯାଇ ନାହିଁ, ବରଂ ଆଭ୍ୟନ୍ତରୀଣ ବ୍ୟବସ୍ଥାଗତ ବିଫଳତାକୁ ଦର୍ଶାଉଛି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଅଗଷ୍ଟ ୨୦୨୩ରେ ରାଜ୍ୟ ସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ, ଭାରତରେ ୨୦ ଲକ୍ଷରୁ ଅଧିକ ପଞ୍ଜୀକୃତ ଆଇନଜୀବୀ ଅଛନ୍ତି। ଅବଶ୍ୟ ଏମାନଙ୍କ ମଧ୍ୟରୁ କେତେକ ବୃତ୍ତି ବାହାରେ ଥାଇପାରନ୍ତି। ତେବେ ୨୦ ଲକ୍ଷର ୪୦ ପ୍ରତିଶତ ହିସାବକୁ ନିଆଗଲେ, ପ୍ରାୟ ୮ ଲକ୍ଷ ଓକିଲ ଯଦି ନକଲି ଥିବେ ତାହା ହେଲେ ଅଦାଲତି ବ୍ୟବସ୍ଥା କେଉଁ ସ୍ତରରେ ରହିଛି ସହଜେ ଅନୁମେୟ। ଆଜିକାଲି ସମୟରେ ନକଲି ଶିକ୍ଷକ, ନକଲି ଡାକ୍ତର, ନକଲି ପୋଲିସ ଅଧିକାରୀ, ନକଲି ଉଡ଼ାଜାହାଜ ପାଇଲଟ ଅନେକ ସମୟରେ ଧରାପଡୁଥିବା ବିଷୟ ଗଣମାଧ୍ୟମରୁ ଜାଣିବାକୁ ମିଳିଥାଏ। ଏମାନଙ୍କ ଯୋଗ୍ୟତା ବିଷୟ ପଦାରେ ପଡ଼ିବା ପରେ ସେମାନେ ଗିରଫ ହୋଇଥାଆନ୍ତି। ତେବେ ଓକିଲମାନେ ନକଲି ହୋଇଗଲେ କୋର୍ଟ କାର୍ଯ୍ୟ କଳୁଷିତ ହେବା ସ୍ୱାଭାବିକ। କାରଣ କେତେକ ଓକିଲ ପରବର୍ତ୍ତୀ ସମୟରେ ବିଚାରପତି ଭାବେ ଅବସ୍ଥାପିତ ହୋଇଥାଆନ୍ତି। ଓଡ଼ିଶାରେ ମଧ୍ୟ କେତେକ ବିଚାରପତି ଏହିଭଳି ଭାବେ ପଦ ହାସଲ କରିଛନ୍ତି। ଏପରି ସ୍ଥଳେ ବିଚାରପତିମାନଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯାଇ ନକଲି ନ୍ୟାୟାଧୀଶଙ୍କୁ ଠାବ କରାଯିବା ଦରକାର। ସାଧାରଣତଃ ଆଇନ ପାଠ କ୍ଲିଷ୍ଟ ଥାଏ। କିନ୍ତୁ ଆମେ ଦେଖିଛେ କିଛିବର୍ଷ ପୂର୍ବେ ଆଇନ ପଢୁଥିବା କେତେକ ବିଦ୍ୟାର୍ଥୀ ଲ'ର ମାନେ 'ଲୁକ୍ ଆଣ୍ଡ୍ ରାଇଟ୍' ଭିତରେ ରଖିଦେଉଥିଲେ। ଅର୍ଥାତ୍ କପି କରି ଏହି ପାଠ ନ ପଢ଼ିଲେ ଉତ୍ତୀର୍ଣ୍ଣ ହେବା କଷ୍ଟକର ବୋଲି କୁହାଯାଉଥିଲା। ଓଡ଼ିଶା ସମେତ ଦେଶର ଅନେକ ପ୍ରାନ୍ତରେ ଏଭଳି ଚିତ୍ର ଦେଖିବାକୁ ମିଳୁଥିଲା। କିନ୍ତୁ ଧୀରେ ଧୀରେ ଏହି ବୃତ୍ତି କେବଳ ଅଦାଲତ ଭିତରେ ସୀମିତ ନ ରହି ଅନେକ ସରକାରୀ ବିଭାଗ ଓ କର୍ପୋରେଟ କ୍ଷେତ୍ରରେ ଚାହିଦା ବଢ଼ିବା ପରେ ଯୋଗ୍ୟ ପ୍ରାର୍ଥୀଙ୍କ ଲୋଡ଼ା ପଡ଼ିଲା। ଫଳରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଦେଇ ନିଯୁକ୍ତି ଅଭିଳାଷୀମାନେ ଲ'କୁ ଭଲ ଭାବେ ପଢ଼ି ସାର୍ଟିଫିକେଟ ଅର୍ଜନ କରିବାକୁ ଚାହୁଁଥିବା ଦେଖାଯାଉଛି। ତେବେ ବିସିଆଇ ଅଧ୍ୟକ୍ଷଙ୍କ ଅଭିଯୋଗକୁ ଆଲୋଚନା ପରିସରକୁ ଅଣାଯାଇ ତର୍ଜମା କରାଗଲେ ଯଦି ଭାରତୀୟ କୋର୍ଟଗୁଡ଼ିକରେ ୪୦ ପ୍ରତିଶତ ଓକିଲ ନକଲି ଥିବେ, ତାହା ହେଲେ ଅଦାଲତ ଦକ୍ଷତା କମିଯିବା ଥୟ। ଏମିତି ମଧ୍ୟ ହୋଇପାରେ ଯେ, ଯେତେବେଳେ କୋର୍ଟଗୁଡ଼ିକରେ ନକଲିଙ୍କ ସଂଖ୍ୟା ହାଉଯାଉ ହେଉଥିବ ସେମାନେ ଅନୈତିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବେ ବୋଲି ଅନୁମାନ କରାଯାଇପାରେ। ଯେତେବେଳେ ବା ?ରେ ଦୁର୍ନୀତି ପଶିଯିବ, ବେଞ୍ଚ୍ ବା ଖଣ୍ଡପୀଠ ଉପରେ ସାଧାରଣ ବିଶ୍ୱାସ ରହିବ ନାହିଁ। ଏପରି ଦେଖିଲେ ଭାରତରେ କେତେକ ବିଚାରପତିଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ରହିଆସିଛି। ଶିଳ୍ପପତି, ରାଜନେତା ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇଁ ଆଇନର ଦିଗ ବଦଳିଯିବା ସହିତ ରାତିଅଧିଆ ଶୁଣାଣି କରିବା ସେମାନଙ୍କର ଟ୍ରେଡ୍‌ମାର୍କ ଭାବେ ଜଣାଶୁଣା। ଭାରତରେ ଶିକ୍ଷା ବ୍ୟବସ୍ଥା ବିଶେଷକରି ଉଚ୍ଚଶିକ୍ଷା ସ୍ତରରେ କେଉଁ ପ୍ରକାର କେଳେଙ୍କାରୀ ହେଉଛି ତାହାର ସଦ୍ୟ ନମୁନା ଏନ୍‌ଇଇଟି-ୟୁଜି ପରୀକ୍ଷାରେ ହୋଇଥିବା ଦୁର୍ନୀତିରୁ ଜଣାପଡୁଛି। ତେଣୁ ଆଇନ ପାଠ୍ୟକ୍ରମ କଥା ଦେଖିଲେ ଅଣ-ସ୍ୱୀକୃତିପ୍ରାପ୍ତ ବା ଦୁର୍ବଳ ନିୟନ୍ତ୍ରଣ ମଧ୍ୟରେ ଚାଲୁଥିବା ଆଇନ କଲେଜଗୁଡ଼ିକର ଦ୍ରୁତ ବଢୁଥିବା ସଂଖ୍ୟା ଦର୍ଶାଉଛି ଯେ, କେତେକ ଶିକ୍ଷାନୁଷ୍ଠାନ 'ଡିଗ୍ରୀ ଦୋକାନ' ଭାବେ କାର୍ଯ୍ୟ କରୁଛନ୍ତି।

# ପ୍ରକୃତି ସୁରକ୍ଷାରେ ଆଦିବାସୀ



ଦଶରଥ ହେମ୍ବ୍ରମ୍
ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର
ମୋ-୯୩୩୭୪୦୪୨୫୪

ପ୍ରକୃତି କୋଳରେ ଜନ୍ମଲାଭ କରି ଘରଦ୍ୱାର କରି ରହିବା ଏବଂ ଗାଁ ଗଢ଼ି ସଭ୍ୟତା ଆରମ୍ଭ କରିଥିବା ପ୍ରଥମ ଅଧିବାସୀ ହେଉଛନ୍ତି ଆଦିବାସୀ। ହୋ ରୁ ଆରମ୍ଭ କରି ମୁଣ୍ଡା, ସାନ୍ତାଳ, ଶବର, କନ୍ଧ, ମାହାଲୀ, ବିରହଳ, ଓରାମ, କୋଲ୍‌ହ ପ୍ରଭୃତି ଆଦିବାସୀ ଶ୍ରେଣୀର ଲୋକମାନେ ଏଠାରେ ବସବାସ କରନ୍ତି। ମୁଖ୍ୟ ଚାଷ ଧାନ ସହିତ ଆଶୁ, ବାଜରା (ଝାଞ୍ଜଳା), ଗୁନ୍ଦୁଲି, ମାଣ୍ଡିଆ, ମକା, ରାଶି, କୋଳଥ, ହରଡ଼, ବିରି, ମୁଗ, ହଳଦି, ସୋରିଷ, ଅଦା ଆଦି ଚାଷ କରନ୍ତି। ତା' ସହିତ ଗାଈ-ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରି, କୁକୁଡ଼ା, ବତକ ଓ ପାରା ମଧ୍ୟ ଘରେ ଚାଷ କରନ୍ତି। ଚାଷବାସ କାର୍ଯ୍ୟରେ ଗାଈ-ବଳଦ ଓ ମଇଁଷିମାନଙ୍କୁ ବ୍ୟବହାର କରାଯାଏ। ପ୍ରଥା ଓ ପରମ୍ପରା ଅନୁସାରେ ଆଦିବାସୀମାନେ ଜଙ୍ଗଲରୁ ଶିକାର କରନ୍ତି। ବାରହା (ବଣ ଘୁଷୁରି), କୁଟୁରା, ଠେକୁଆ, କଟାଶ, ନେଉଳ, ମୂଷା, ପକ୍ଷୀ ଶିକାର କରି ଘରକୁ ଫେରନ୍ତି। ସେମାନଙ୍କ ବିଶ୍ୱାସ ରହିଛି ଯେ, ଶିକାରୀଙ୍କ ଧନୁତୀରରେ ପଶୁପକ୍ଷୀ ଶିକାର ହୋଇ ରକ୍ତ ମାଟିରେ ପଡ଼ିଲେ ସେହି ବର୍ଷ ଶୁଭଦାୟକ ଏବଂ ଭଲ ବୃଷ୍ଟିପାତ ହୁଏ। କିନ୍ତୁ ଜଙ୍ଗଲକୁ ଶିକାର କରିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ଆରାଧନା କରିଥାନ୍ତି, ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ ବିରବଙ୍ଗା (ଜଙ୍ଗଲ ଦେବତା)ଙ୍କ ପାଖରେ ପ୍ରାଥନା କରି ସମର୍ପଣ ହୁଅନ୍ତି। ନଈ, ନାଳ, ଝରଣା ଓ ପୋଖରୀରେ ମାଛ ଧରିବା ସେମାନଙ୍କ ଏକ ପ୍ରକାର ନିଆରା ପରମ୍ପରା ରହିଛି। ତେଣୁ ପ୍ରକୃତି ଓ ଆଦିବାସୀ ମଧ୍ୟରେ ଥିବା ସମ୍ପର୍କ ସଭ୍ୟତା ଆରମ୍ଭରୁ ରହିଛି, ଏଥିରେ କୌଣସି ଦ୍ୱିମତ ହେବାର ପ୍ରଶ୍ନ ହିଁ ନାହିଁ।

ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ସନ୍ତାନ। ପ୍ରକୃତିକୁ ପିତା ଓ ମାତା ଭଳି ମାନନ୍ତି। ସୁରକ୍ଷା ଦିଅନ୍ତି ଏବଂ ପୂଜାପାର୍ବଣରେ ପ୍ରକୃତିକୁ ପୂଜା କରନ୍ତି। ଜନଜୀବନରେ ସେମାନଙ୍କର ଯେତିକି ଆବଶ୍ୟକତା ରହିଥାଏ, ତାହା ପ୍ରକୃତି ଉପରେ ହିଁ ନିର୍ଭର କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଖାଲି ସେତିକି ନୁହଁ, ପ୍ରକୃତି ସହିତ ରହିଛି ସେମାନଙ୍କର କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ, ପ୍ରଥା-ପରମ୍ପରା, ରୀତିନୀତି, ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ଇତିହାସ, ଯାହା ଆଦିବାସୀଙ୍କ ଜୀବନ ବା କଲିଜା କୁହାଯାଏ। ଏସବୁ ଛାଡ଼ି ଆଦିବାସୀମାନେ କେବେ ଏକା ବଞ୍ଚି ପାରନ୍ତି ନାହିଁ, ଯଦିବି ଏସବୁ ଛାଡ଼ି ଯେଉଁମାନେ ବଞ୍ଚୁଛନ୍ତି ସେମାନଙ୍କ କିଛି ନା କିଛି ନିଜ ନିଜର ସ୍ୱାର୍ଥରେ ବୁଡ଼ି ରହନ୍ତି ଅର୍ଥାତ ଲୋଭ-ଲାଳସାରେ ବଶବର୍ତ୍ତୀ ହୋଇ ନିଜ ସଂସ୍କୃତି, ପରମ୍ପରା ଓ ସାମାଜିକ ବ୍ୟବସ୍ଥାଠାରୁ ଦୂରେଇ ଯାଆନ୍ତି ଏବଂ ଆଦିବାସୀର ପରିଚୟ ଓ ଅସ୍ମିତା ଧ୍ୱଂସ ଆଡ଼କୁ ଠେଲି ଦିଅନ୍ତି। ଆଦିବାସୀମାନେ କୁହନ୍ତି 'ପ୍ରକୃତି ହେଉଛି ଆମର ଦେବତା'। ଆମେ ଏହାର ସୁରକ୍ଷା କରୁଛୁ, ଏଠି ଟଙ୍କା ପାଇଁ ନୁହେଁ, ବରଂ ଆମର ସାମାଜିକ, ସଂସ୍କୃତି, ପରମ୍ପରା ଓ ସହାବସ୍ଥାନ ପାଇଁ'। ପୁଣି ସେମାନଙ୍କ ଉକ୍ତିରୁ ଜଣାଯାଏ 'ଯଦି ପ୍ରକୃତି ସଂରକ୍ଷଣ ହୋଇ ରହିବ, ତେବେ ଆମେ ମଧ୍ୟ ସୁରକ୍ଷିତ ହୋଇ ବଞ୍ଚିବୁ। ଯଦି ଆମେ ବଞ୍ଚିବୁ, ତେବେ ପ୍ରକୃତି ମଧ୍ୟ ହସିବ, ବଢ଼ିବ ଏବଂ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବ'। ଏସବୁ ଅର୍ଥରୁ ସ୍ପଷ୍ଟ କରେ ଯେ, ପ୍ରକୃତରେ ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀ ହିଁ ସର୍ବାଗ୍ରେ। ଆହୁରି ଆମକୁ ମନେ ପକାଇ ଦିଏ ଯେ, ବୈଦେଶିକ କବଳରୁ ପ୍ରକୃତିକୁ ରକ୍ଷା କରବା ପାଇଁ ଆଦିବାସୀମାନେ ପ୍ରଥମ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଉଠାଇଥିଲେ ଏବଂ ବାହ୍ୟଶତ୍ରୁ ସହିତ ଲଢ଼େଇ କରି ପ୍ରକୃତିକୁ ସୁରକ୍ଷା ଦେଇଥିଲେ। ଦୁଃଖର ବିଷୟ ଏୟା ଯେ, ଅନେକ ଆଦିବାସୀ ଯୋଦ୍ଧା ଏ ମାଟି-ପାଣି-ଜଙ୍ଗଲ ପାଇଁ ସହିଦ ହୋଇଛନ୍ତି କିନ୍ତୁ ବିଦେଶୀମାନଙ୍କ ଆଗରେ କେବେ ମୁଣ୍ଡ ନୁଆଇ ନଥିଲେ କିମ୍ବା ଗୁଲାମଗିରି କରିନଥିଲେ। ଏଥିପାଇଁ ତ କୁହାଯାଏ 'ପ୍ରକୃତିର ପ୍ରକୃତ ବନ୍ଧୁ ହିଁ ଆଦିବାସୀ'। ସେମାନେ ପ୍ରକୃତି ସହିତ ଏତେ ନିବିଡ଼ ଯେ ଏସବୁ ଛାଡ଼ି ପାରିବେ ବା କେମିତି ? ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ବିତିଗଲାଣି, ତଥାପି ଆଦିବାସୀମାନେ ପ୍ରକୃତି କୋଳରେ ରହି ହସଖୁସିରେ ଜୀବନ ବିତାଉଛନ୍ତି। ବିଜ୍ଞାନର ଜୟଯାତ୍ରା ଯୋଗୁଁ ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚି ମଙ୍ଗଳ ଗ୍ରହରେ ଘର କରିବାକୁ ସ୍ୱପ୍ନ ଦେଖିଲାଣି। ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବର୍ତ୍ତମାନ ରାଷ୍ଟ୍ର ଅଗ୍ରଗତି କରିଚାଲିଛି। ଶିକ୍ଷା-ଦୀକ୍ଷାରେ ଅନ୍ୟ ବର୍ଗର ଲୋକମାନେ ଆଗକୁ ଯାଇ ବିଶ୍ୱକୁ ନିଜ ହାତର ନିୟନ୍ତ୍ରଣ ରଖିଛନ୍ତି। ସମୟ ସହ ପରିବେଶ ବଦଳିଛି ଏବଂ ମଣିଷ ମଧ୍ୟ ବଦଳି ଯାଇଛି ବୋଲି ଭାବିବା ଉଚିତ। ହେଲେ ବଦଳି ନାହାନ୍ତି ସେଇ ଆଦିବାସୀମାନେ। ସେମାନେ ଭୁଲି ନାହାନ୍ତି ଜୀବନ ଜୀବିକା ଆଉ ସଂସ୍କୃତିକୁ, ସଭ୍ୟତା ଆରମ୍ଭରୁ ଯେମିତି ଥିଲେ ଆଜି ମଧ୍ୟ ଠିକ୍ ସେମିତି ଅଛନ୍ତି। ପ୍ରତିଦିନ ସହରୀ ଲୋକଙ୍କ ସହିତ ଦେଖା-ସାକ୍ଷାତ, କଥାବାର୍ତ୍ତା ଓ ଉତ୍ତମ ସମ୍ପର୍କ ମଧ୍ୟ ରହୁଛି। ତଥାପି ସେମାନେ ଶାଗ, ପଖାଳ ଖାଇବାକୁ ଭଲ ପାଇବା ଆଉ ନୃତ୍ୟଗୀତ କରି ଜୀବନକୁ ହସ-ଉଲ୍ଲାସରେ ଅତିବାହିତ କରିବା ଏକ ପ୍ରକାର ଅନନ୍ୟ ପରମ୍ପରା କିନ୍ତୁ ଭବିଷ୍ୟତକୁ ପ୍ରାଧାନ୍ୟ କାହିଁକି ଦିଅନ୍ତି ନାହିଁ, ସେଇ କଥା ସେମାନେ ହିଁ ଜାଣିଛନ୍ତି। ଯାହାବି ହେଉ ଆଜି ଦେଶରେ ଆଦିବାସୀ ଅଛନ୍ତି ବୋଲି ଶୋଭାମୟ ପ୍ରକୃତି ସୁସଜ୍ଜିତ ହୋଇ ରହିଛି।

ସାଂପ୍ରତିକ ପରିସ୍ଥିତିରେ ଲୋକମାନେ ଅଧିକ ରୋଜଗାର ପାଇଁ ଗାଁ ଛାଡ଼ି ସହରକୁ ଯାଉଛନ୍ତି। ସେଠାରେ ରହି ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି। ସେମାନଙ୍କର ପିଲାଛୁଆଙ୍କୁ ବଡ଼ ବଡ଼ ଚାକିରି ନିଶାରେ ଅଜସ୍ର ପଇସା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି। ଆଉ ଯୁବପିଢ଼ିମାନେ ଅର୍ଥ ରୋଜଗାର ନିଶାରେ ଅନର୍ଥ ହୋଇ ନିଜକୁ ଭୁଲି ଯାଉଛନ୍ତି, ଦୂରେଇ ଯାଉଛନ୍ତି ନିଜ ସମ୍ପର୍କୀୟଙ୍କଠାରୁ, ଏମିତିକି ନିଜ ଜନ୍ମ ଦେଇଥିବା ପିତା ଓ ମାତାଙ୍କ ଠାରୁ ମଧ୍ୟ। ସେମାନଙ୍କୁ ସମୟ ଦେଇପାରୁ ନାହାନ୍ତି। ପରେ ନିଜ ଭାଗ୍ୟକୁ ଦୋଷ ଦିଆଯାଏ। ହେଲେ ଆଦିବାସୀମାନେ ଏହିପରି ପରିବେଶରୁ ସମ୍ପୂର୍ଣ୍ଣ



ଅଲଗା। ସେମାନେ ଗାଁ ବ୍ୟବସ୍ଥା ଅନୁସାରେ ଗାଁ ମୁଖିଆଙ୍କୁ ଏବେବି ସମ୍ମାନ ଦିଅନ୍ତି। ଉଚିତ କଥାରେ ସମର୍ଥନ କରି ତାଙ୍କ କଥାକୁ ମାନି ଚଳନ୍ତି ଆଉ ଆଦର୍ଶ ଗ୍ରାମ ଗଠନ କରିବାର ରାସ୍ତା ଫିଟେ। ସ୍ୱତନ୍ତ୍ର ବ୍ୟବସ୍ଥା ଭିତରେ ଆଦିବାସୀମାନେ ରହିବାକୁ ପସନ୍ଦ କରନ୍ତି କିନ୍ତୁ କାହାରି ଗୋଲାମୀ କାରବାକୁ ନାପସନ୍ଦ କରନ୍ତି। ସ୍ୱାଭିମାନ ସହିତ ବଞ୍ଚିବାକୁ ସେମାନେ ଭଲ ପାଆନ୍ତି। କଷ୍ଟ କରି ରୋଜଗାର କରନ୍ତି, ଯେତିକି ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହୁଅନ୍ତି ଓ ଶାନ୍ତିରେ ରୁହନ୍ତି ନିଜ ପରିବାର ସହିତ, ଯାହା ସାମାଜିକ ବ୍ୟବସ୍ଥା ବିଦିତ। ଧନ-ସମ୍ପତ୍ତିରେ ସେମାନେ ଗରିବ ହୋଇପାରନ୍ତି କିନ୍ତୁ ଆଚରଣ, ଶିଷ୍ଟାଚାର, ସଂସ୍କାର, ନମ୍ର, ସରଳ, ଭଦ୍ର ସ୍ୱଭାବରେ ସେମାନେ ସବୁବେଳେ ଧନୀ। କାହାକୁ କଟାକ୍ଷ କରିବା, ଠକିବା, ମିଛ କହିବା, କଟୁ ସମାଲୋଚନା କରିବା ଭଳି ଆଚରଣ ଓ ଉଚ୍ଚାରଣ ସେମାନଙ୍କ ପାଖରେ ନାହିଁ, ତା'ଠାରୁ ସେମାନେ ଦୂରତା ଅବଲମ୍ବନ କରନ୍ତି। ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖି ଆଦିବାସୀମାନେ ସଭ୍ୟତା ଆରମ୍ଭରୁ ମାଟି, ଗଛ, ପଥର, ପାହାଡ଼, ପର୍ବତ, ଝରଣା, ନଦୀ, ସୂର୍ଯ୍ୟ, ଆକାଶ, ଜହ୍ନକୁ ପୂଜା କରନ୍ତି। କାରଣ ମାଟି ମା'ର କୋଳ, ଗଛ, ଜଙ୍ଗଲ, ପାହାଡ଼ ଓ ପର୍ବତରୁ ଖାଦ୍ୟ ସଂଗ୍ରହ, ଝରଣା ଓ ନଦୀରୁ ପାଣି, ସୂର୍ଯ୍ୟ, ଚନ୍ଦ୍ର ଓ ଆକାଶରୁ ଆଲୋକ ପାଇ ବଞ୍ଚିବା ଶିଖନ୍ତି ଓ ପଥରକୁ ସେମାନେ ଦେବତା ମାନନ୍ତି। ଏଥିରୁ ଅନୁମାନ କରିହେବ, ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀମାନଙ୍କ ଅବଦାନ ଅତୁଳନୀୟ। ଏହା ହିଁ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ଆଉ ଆଦିବାସୀ ଅସ୍ମିତା।

## ଚୋରା ବାଲି ଚାଲାଣ ଉପରେ ପୋଲିସର ଚଢ଼ାଉ

# ୪ ହାଇୱା ଓ ୩ ଟ୍ରାକ୍ଟର ଜବତ



ପାରଳାଖେମୁଣ୍ଡି: ଗଜପତି ଜିଲ୍ଲାରେ ଚୋରା ବାଲି ଚାଲାଣ ବିରୋଧରେ ପୋଲିସ ତାର କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରିଛି। ବିଳମ୍ବିତ ରାତିରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପକ୍ଷରୁ ସହର ମଧ ଦେଇ ଚାଲାଣ ହେଉଥିବା ବାଲି ବୋଝେଇ ଗାଡ଼ିଗୁଡ଼ିକ ଉପରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ ୪ଟି ହାଇୱା ଓ ୩ଟି ଟ୍ରାକ୍ଟରକୁ ଅଟକାଇ ତଦନ୍ତ କରାଯାଇଥିଲା। ପୋଲିସ ସୂଚନା ଅନୁଯାୟୀ, ଗାଡ଼ିଗୁଡ଼ିକର ଚାଳକମାନେ ବାଲି ପରିବହନ ସମ୍ପର୍କିତ ଆବଶ୍ୟକ ଦସ୍ତାବିଜ ଓ ଅନୁମତିପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ଫଳରେ ସମସ୍ତ ଗାଡ଼ିକୁ ଜବତ କରାଯାଇ ଥାନାରେ ଅଟକ ରଖାଯାଇଛି। ବେଆଇନ ବାଲି ଚାଲାଣ ସହ ଗାଡ଼ିଗୁଡ଼ିକର ସମ୍ପୃକ୍ତି ରହିଛି କି ନାହିଁ ଏବଂ ବାଲି କେଉଁଠାରୁ ଆସୁଥିଲା ଓ କେଉଁଠାକୁ ନିଆଯାଉଥିଲା, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାରେ ବେଆଇନ ଖଣିଜ ସମ୍ପଦ ଚାଲାଣ ଉପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ ଆହୁରି କଡାକଡି ହେବ ବୋଲି ଜଣାପଡ଼ିଛି ।

# ବୃକ୍ଷରୋପଣରେ ରେକର୍ଡ, କିନ୍ତୁ କମୁଛି ଜଙ୍ଗଲ ଘନତ୍ୱ

## ଗଜପତିରେ ଦୁଇବର୍ଷରେ ୧୧.୬୩ ବର୍ଗ କିମି ହ୍ରାସ

ପାରଳାଖେମୁଣ୍ଡି, - ପ୍ରାକୃତିକ ସମ୍ପଦ, ପାହାଡ଼ ଓ ଘଞ୍ଚଜଙ୍ଗଲରେ ଭରା ଗଜପତି ଜିଲ୍ଲାରେ ଜଙ୍ଗଲର ଘନତ୍ୱ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ସଦ୍ୟତମ ରିପୋର୍ଟ ଅନୁଯାୟୀ, ୨୦୨୧ ତୁଳନାରେ ୨୦୨୩ରେ ଜିଲ୍ଲାର ବନାଞ୍ଚଳ ୧୧.୬୩ ବର୍ଗ କିଲୋମିଟର ହ୍ରାସ ପାଇଛି। ସେହିପରି ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ, ଜିଲ୍ଲାର ମୋଟ ଭୌଗୋଳିକ କ୍ଷେତ୍ରଫଳ ୪୩୨୫ ବର୍ଗ କିଲୋମିଟର ମଧ୍ୟରୁ ୨୦୨୩ରେ ୨୪୯୮.୮୦ ବର୍ଗ କିଲୋମିଟର ଅଞ୍ଚଳ ବନ ଆଚ୍ଛାଦିତ ରହିଛି। ଯାହାର ଜିଲ୍ଲାର ସମୁଦାୟ କ୍ଷେତ୍ରଫଳର ପ୍ରାୟ ୫୭.୭୮ ପ୍ରତିଶତ। କିନ୍ତୁ ୨୦୨୧ ମସିହାରେ ଏହି ହାର ୬୦.୬୫ ପ୍ରତିଶତ ଥିଲା ।ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୩ ମସିହାରେ ଅତି ଘନ ବନ



୩୨୮.୪୯ ବର୍ଗ କିଲୋମିଟର, ମଧ୍ୟମ ଘନ ବନ ୭୨୨.୫୩ବର୍ଗ କିଲୋମିଟର ଓ ଖୋଲା ବନ ୧୪୪୭.୭୮ ବର୍ଗ କିଲୋମିଟର ରହିଛି। ୨୦୧୯ ତୁଳନାରେ ଅତି ଘନ ବନରେ ବୃଦ୍ଧି ଘଟିଥିବା ବେଳେ ମଧ୍ୟମ ଘନ ଓ ଖୋଲା ବନ ଅଞ୍ଚଳରେ ହ୍ରାସ ପରିଲକ୍ଷିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ପରିବେଶବିତଙ୍କ ମତରେ ଅବୈଧ ଗଛକଟା, ଜଙ୍ଗଲଜମି ଦଖଲ ଓ ବିଭିନ୍ନ ପ୍ରକଳ୍ପ ପାଇଁ ଜଙ୍ଗଲ କ୍ଷୟ ହେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ତେବେ ଏହାମଧ୍ୟରେ ଗଜପତି ବନ ବିଭାଗ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତ କିଛିବର୍ଷ ଧରି ଜିଲ୍ଲାରେ ସର୍ବାଧିକ ଚାରାରୋପଣ ରାଜ୍ୟସ୍ତରରେ ରେକର୍ଡ ସୃଷ୍ଟି କରିଛି। ୨୦୨୫ ମସିହାରେ ମୋଟ ୩ ଲକ୍ଷ ୩୬ ହଜାର ଚାରାରୋପଣ ସହ ସାମାଜିକ ବନୀକରଣ, ପାହାଡ଼ିଆ ଅଞ୍ଚଳରେ ପୁନଃବନୀକରଣ ଓ ଗ୍ରାମ୍ୟ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବନ ସୁରକ୍ଷା ପାଇଁ ଉଦ୍ୟମ ହୋଇଥିଲା । 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ମାଧ୍ୟମରେ ଗତବର୍ଷ ଗୋଟିଏ ଦିନରେ ୭୪ ହଜାର ୫୦୦ ଚାରାରୋପଣ କରି ଗଜପତି ଜିଲ୍ଲା ରାଜ୍ୟରେ ସର୍ବାଧିକ ବୃକ୍ଷରୋପଣର ରେକର୍ଡ କରିଥିଲା । କିନ୍ତୁ ଚାରାରୋପଣ ପରେ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ଚାରା ନଷ୍ଟ ହୋଇଯାଉଥିବା ଅଭିଯୋଗ ହୋଇଛି। ତେବେ ୨୦୨୫ ମସିହାରେ ତଥ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇନଥିବା ବେଳେ ଚଳିତବର୍ଷ ଅର୍ଥାତ ୨୦୨୫-୨୬ ଏହି ହାର ବୃଦ୍ଧି ପାଇ ୬୦ ପ୍ରତିଶତରୁ ଅଧିକ ଥିବା ଗଜପତି ବନବିଭାଗ ଦାବି କରିଛି। ତେବେ ପ୍ରକୃତରେ କେତେ ପରିମାଣ ବୃଦ୍ଧି ପାଇଛି ତାହା ସରକାରଙ୍କ ଭାରତୀୟ ଜଙ୍ଗଲ ସର୍ବେକ୍ଷଣର ତଥ୍ୟ ପ୍ରକାଶ ପାଇବା ପରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

# ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦, ହଜାର ଟଙ୍କା ଜରିମାନା

ଫୁଲବାଣୀ : କନ୍ଧମାଳ ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ) ଶ୍ରୀ ମନୋରଞ୍ଜନ ଦାସ ବାଲିଗୁଡ଼ା ପି.ଏସ୍.ରୁ ଉଠାଯାଇଥିବା ମାମଲା ନମ୍ବର- ସିଟି ୧୧/ ୨୦୨୪ ରେ ଅଭିଯୁକ୍ତ ସପନା ପାଟ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲା ନଂ- ୪୬/ତା.୨୪/୦୨/ ୨୦୨୪ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ମଧ ନିର୍ଦ୍ଦେଶ ଦେଇଛନ୍ତି ।କେଶ ସୂଚନା ଅନୁଯାୟୀ ପୋକ୍ସୋ ଆଇନର ଧାରା ୬ ରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦୦୦/- ଟଙ୍କା ଜରିମାନା ଦେବାକୁ ଦଣ୍ଡିତ କରାଯାଇଛି। ଯଦି ତାହା ନହୁଏ ତେବେ ୩୬୩



ଆଇପିସି ଏବଂ ଧାରା ୬ ରେ ଆହୁରି ୨ ମାସ ସଶ୍ରମ କାରାଦଣ୍ଡ ଏବଂ ୭ (ସାତ) ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ଜରିମାନା ଦେବାକୁ ଦଣ୍ଡିତ କରାଯାଇଛି। ଯଦି ତାହା ନହୁଏ ତେବେ ୩୬୬ ଆଇପିସି ପାଇଁ ଅଧିକ ୩ (ତିନ) ମାସ ସଶ୍ରମ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ସଶ୍ରମ କାରାଦଣ୍ଡ ପ୍ରଦାନ କରିବାକୁ ଦଣ୍ଡିତ କରାଯାଇଛି। ପୀଡିତାଙ୍କୁ ମାନ୍ୟବର କୋର୍ଟ ଡିଏଲଏସଏ ଫୁଲବାଣୀକୁ ୫,ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା କୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିବା ବେଳେ ।ଶ୍ରୀ ତ୍ରିଲୋଚନ ପ୍ୟାରିଡା, ଡିଡିପି କନ୍ଧମାଳ ଏବଂ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ନାଗ, ପି.ପି. ଙ୍କ କଡା ତତ୍ତ୍ୱାବଧାନ ରେ ପରିଚାଳିତ ହେଉଥିଲା । ଏହି କେସର ତଦନ୍ତକାରୀ ଅଧିକାରୀ ପ୍ରମୋଦ କୁମାର ଜେନା ଏବଂ ତତ୍କାଳୀନ ଆଇଆଇସି ସୁକାନ୍ତ କୁମାର ସାହୁଙ୍କୁ ଏ ବାବଦରେ ଧନ୍ୟବାଦ ଦିଆଯାଇଛି ।

## କନ୍ଧମାଳ ବିଜେଡ଼ିର ନାରୀ ଅଧିକାର ବିଲ୍ ୨୦୨୩ କୁ ଲାଗୁ କରିବାକୁ ବିଶାଳ ରାଲି ଓ ସଭା

ଫୁଲବାଣୀ : ମହିଳା ବିଲ ୨୦୨୩ କୁ ଲାଗୁ କରିବା ପାଇଁ ବିଜେଡ଼ିର ଏକ ବିଶାଳ ମହିଳା ରାଲୀ ଓ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମହିଳା ବିଲ୍ ୨୦୨୩ କୁ ଲାଗୁ କରାନଯାଇ ଏକ ନୂତନ ମହିଳା ବିଲ୍ ସହ ଡିଲିମିଟେଶନ କରିବାକୁ ବିଜେଡ଼ି ବିରୋଧ କରୁଛି ବୋଲି ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି । ବିଜେପି ସରକାର ବିଜେଡ଼ି ଓ କଂଗ୍ରେସକୁ ମହିଳା ବିରୋଧୀ ବୋଲି କହିବା ଠିକ୍ ନୁହେଁ । ବିଜେଡ଼ି ମହିଳା ମାନଙ୍କ ପାଇଁ ବହୁତ କାର୍ଯ୍ୟ କରିଛି । ବରଂ ବିଜେପି ମହିଳା ମାନଙ୍କୁ




ଠକିଛି ।ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବା କହି ୫ହଜାର ଟଙ୍କା ଦେଇ ଠକିଛନ୍ତି । ପାଞ୍ଚ ଟଙ୍କାରେ ଛେଳି କିଣି ମହିଳା ମାନଙ୍କୁ ଛେଳି ଚରାଇବା ପାଇଁ କହୁଛନ୍ତି । ୩୫୦୦ ଟଙ୍କା ଭତ୍ତା ପଇସା ଦୁଇ ବର୍ଷ ହେଲା ଦେଇପାରୁ ନାହାନ୍ତି । କେନ୍ଦ୍ର ଠାରୁ ପଇସା ଆଣି ପାରୁ ନାହାଁନ୍ତି । ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର । ନବୀନ ବାବୁଙ୍କ ମହିଳା ଯୋଜନା ବନ୍ଦ କରୁଛନ୍ତି ! ବିଜୁବାବୁ ୩୩ ପ୍ରତିଶତ ମହିଳାଙ୍କ ପାଇଁ ରିଜର୍ଭେସନ କରିଥିଲେ । ନବୀନ ବାବୁ ଏସ ଏଚ ଜି ର ମହିଳା ପ୍ରମିଳା ବେଶୋଇଙ୍କୁ ପାର୍ଲିଆମେଣ୍ଟ କୁ ପଠାଇ ଥିଲେ । କିନ୍ତୁ ବିଜେପି ସରକାର କୁମ୍ଭୀର କାନ୍ଦଣା କରୁଛନ୍ତି ।ଯଦି ୨୦୨୩ ବିଲ୍ କୁ ଲାଗୁ କରା ନ ଯାଏ ତେବେ ମହିଳା ମାନେ ପଞ୍ଚାୟତ ସ୍ତର ରୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ ପଦ୍ମନାଭ ବେହେରା । ରାଜ୍ୟରେ ମହିଳା ମାନଙ୍କ ପ୍ରତୀ ଅତ୍ୟାଚାର ବଢୁଛି ।ଥାନାରେ ଉଲଗ୍ନ କରି ମହିଳାଙ୍କୁ ପିଟୁଛନ୍ତି । ମିଥ୍ୟା ପ୍ରଲୋଭନ ଦେଖାଇ ଓଡ଼ିଶାରେ ମହିଳା ଙ୍କ ଅଧିକାର କୁ ବିଜେପି ଛଡ଼ାଇ ନେଇଛି । ମହିଳା ଭଉଣୀ ମାନଙ୍କ ହାତରେ କ୍ଷମତା ରୂପକ ଖଡଗ ରହିଛି। ମହିଷାଶୁର କୁ ବନ୍ଧକର ବୋଲି ରାଜ୍ୟ ମହିଳା କର୍ଡିନେଟର ତଥା କର୍ପୋରେଟର୍ ମାନସୀ ସୁନ୍ଦର ରାୟ ଭାଷଣ ପ୍ରସଙ୍ଗରେ କହିଥିଲେ ।

# ଓଡ଼ିଶା କଂଗ୍ରେସ ପ୍ରଭାରୀ ଶ୍ରୀ ଜେ.ଟି. କୁସୁମ କୁମାରଙ୍କ ବୈଠକ

ଭଞ୍ଜନଗର : ଗଞ୍ଜାମ ଜିଲ୍ଲା କଂଗ୍ରେସ (ପଶ୍ଚିମ) ସଂଗଠନକୁ ଅଧିକ ମଜବୁତ କରିବା ଏବଂ ଦଳ ବିରୋଧୀ କାର୍ଯ୍ୟକଳାପକୁ ରୋକିବା ନେଇ ଆଜି ଓଡ଼ିଶା କଂଗ୍ରେସ ପ୍ରଭାରୀ ସମ୍ମାନନୀୟ ଶ୍ରୀ ଜେ.ଟି. କୁସୁମ କୁମାର ଜୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭଞ୍ଜନଗର ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଥିଲା ।ସୋରଡା, ଜଗନ୍ନାଥ ପ୍ରସାଦ, ଭଞ୍ଜନଗର ବ୍ଲକ ର ବହୁ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇଥିଲେ ।ଗଞ୍ଜାମ ଜିଲ୍ଲା କଂଗ୍ରେସ କର୍ମୀମାନେ କିପରି ତୃଣମୂଳ ସ୍ତରରେ ଦଳ କିଭଳି କ୍ଷତିଗ୍ରସ୍ତ ହେଉଛି, ସେ ସମ୍ପର୍କରେ ପ୍ରଭାରୀଙ୍କୁ ଅବଗତ କରିଥିଲେ ଓ ଆଗାମୀ ଦିନରେ ଦଳର ଏକତା ଉପରେ ଆଲୋଚନା କରିଥିଲେ ।ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପଶ୍ଚିମ ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଦଣ୍ଡପାଣି ପ୍ରଧାନ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା ।କଂଗ୍ରେସ ପ୍ରଭାରୀ ଆଜି ପ୍ରେସ ବିବୃତିରେ ବର୍ତ୍ତମାନ ଓ ଆଗକୁ କଂଗ୍ରେସ ର ସ୍ଥିତି ଭଲ ଅଛି ।ଅନ୍ୟ ରାଜ୍ୟ ମାନଙ୍କରେ ଯେପରି କଂଗ୍ରେସ ନିଜର ପତିଆରା ବିସ୍ତାର କରିଛି ଓ ଆଗାମୀ ପୌର ଓ ପଂଚାୟତ ନିର୍ବାଚନରେ ରାଜ୍ୟ କଂଗ୍ରେସ ବିଜୟ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।ନିଜର ବକ୍ତବ୍ୟରେ ସେ ଗଂଜାମ ଜିଲ୍ଲା ର ପ୍ରତ୍ୟୁକ ବୁଥ ସ୍ତରରେ ସଜାଡି ଦଳକୁ ସୁଦୃଢ କରିବାରେ ପ୍ରୟାସ ଜାରି ରହିଛି ବୋଲି କହିଥିଲେ ।ଆଜି ବୈଠକରେ ଅନ୍ୟ ଦଳରୁ କଂଗ୍ରେସ ଦଳକୁ ବହୁ ଯୁବ କର୍ମୀମାନେ ଯୋଗଦାନ କରିବାର ଦେଖିବାକୁ ମିଳିଥିଲା ।ସୂଚନାଯୋଗ୍ୟ ଯେ ଆଗାମୀ ଦିନରେ କଂଗ୍ରେସ ର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଓ ଏଥିରେ ରାହୁଲ ଗାନ୍ଧୀ ଙ୍କ ଅନୁପ୍ରାଣିତ ହୋଇ ବହୁ କର୍ମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।



# ପୌର ପରିଷଦରର ସାଧାରଣ ବୈଠକରେ ଯୋଗଦେଲେ ବିଧାୟକ

ପାରଳାଖେମୁଣ୍ଡି : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ବୈଠକ ଗୃହ ରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି, ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ଯୋଗଦେଇଥିଲେ , ପ୍ରଥମେ ବିଧାୟକ ଙ୍କୁ ସମସ୍ତ ସଦସ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ବୈଠକ ରେ ମୁଖ୍ୟ ପ୍ରସଙ୍ଗ ଥିଲା ଜିଲ୍ଲା ର ହୋଇଥିବା ସହିଦ ମାନଙ୍କ ସ୍ମୃତିପୀଠ ବା ସ୍ମୃତିସ୍ତମ୍ଭ ପାରଳା ରେ ସ୍ଥାପିତ କରିବା ପାଇଁ ପ୍ରସ୍ତାବ ରହିଛି। ଆଗାମୀ ଦିନ ରେ ସହର ର ଆକର୍ଷଣ ସ୍ଥାନ ରେ କରାଯିବ ବୋଲି ବିଧାୟକ ଜଣାଇଛନ୍ତି, ସେଇ ଭଳି ସହର ର ପରିବେଶ କୁ ସଫା ରଖିବା ସହ ନାଳ ମରାମତି ଉପରେ ଧ୍ୟାନ ଦିଆଯିବା ନେଇ ଆଲୋଚନା ହୋଇଥିଲା, ଏହି ବୈଠକ ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଥିଲେ, ଏହି ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ,ଉପାଧ୍ୟକ୍ଷ ଲେଙ୍କା ମଧୁ, ସାଂସଦ ପ୍ରତିନିଧି ଆଦର୍ଶ ଦାସ,ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

# ଅବୈଧ

## ।। ଡକ୍ଟର ସନ୍ତୋଷ କୁମାର ପାଣିଗ୍ରାହୀ ।।

ଗୋଟେ ପୂର୍ଣ୍ଣିମା ତିଥିରେ
ଚହଳପଡ଼ିଲା ଗୋବର୍ଦ୍ଧନପୁରରେ।

'ଜହ୍ନ ମିଳୁନାହିଁ ଆକାଶରେ !'

ଶହ ଶହ ଆଖି
ଡିବି ଧରି ବାହାରିପଡ଼ିଲେ
ଜହ୍ନ ଖୋଜିବାରେ।

ସବୁଠି ଲଗାଗଲା
ଜହ୍ନର ତୈଳ ଚିତ୍ର।

ଆଖିସବୁ ଉଣ୍ଡାଳିଲେ
ନଦୀଗର୍ଭ,
ଫୁଲବଣ, ଗଛ କୋରଡ଼,
ପାହାଡ଼ର ପାଦଦେଶ,
ଯାବତୀୟ ଛକ,
ମନ୍ଦିରର ଗର୍ଭଗୃହ
ରାତି ଜଗୁଆଳୀର ଟୋପିତଳ
ସମସ୍ତଙ୍କ ଅଲକ୍ଷ୍ୟରେ
ଗୀର୍ଜା ବାହାରେ ଫୁଟୁଥିବା
ପାରିଜାତର ପୂରାଦେହ !

ହେଲେ ଜହ୍ନ ମିଳିଲାନି କୋଉଠି।

ଥକି ଯାଇ ସକାଳକୁ
ଆଖି ସବୁ ଘରମୁହାଁ ହେଲାବେଳେ
କୌଣସି ଏକ ପରିତ୍ୟକ୍ତ ଘରୁ
ଡେଇଁପଡ଼ିଲା ଆଖିଟିଏ !

ପୁଣି ଚହଳ ପଡ଼ିଲା
'ଜହ୍ନ ମିଳୁନାହିଁ ପା ଆକାଶରେ'

ସମସ୍ତଙ୍କୁ ଚୁପ୍ କରେଇଦେଇ
ସେ ଆଖି କହିଲା,
ପଟେ ପାଉଁଜି ପିନ୍ଧି
ପୂରା ଗାଆଁ ବୁଲୁଥିବା ଝିଅକୁ
ଖୋଜିବାବେଳେ
ଜହ୍ନ ମିଳିଥିଲା
ରାୟ ଚୌଧୁରୀ ବାବୁଙ୍କ
ଗେଷ୍ଟ ହାଉସ୍ ପଛପଟ
ବିରାଟ ବାମ୍ପିରେ,
ଶୋଷ ମେଣ୍ଟେଇବାବେଳେ
ଗତକାଲି ଅଧରାତିରେ !

ପୁଣି ଫୁସଫୁସ୍ ଶୁଭିଲା
ଜହ୍ନ ହଜିନଥିଲା କାଲି ରାତିରେ !

●

ଅଧ୍ୟାପକ, ଓଡ଼ିଆ ବିଭାଗ
ଶିକ୍ଷା ଓ ଅନୁସନ୍ଧାନ
ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର



# ବିନ୍ଦୁ ବିନ୍ଦୁ

## ।। ଉମେଶ ଚନ୍ଦ୍ର ପଟ୍ଟନାୟକ ।।

ବିନ୍ଦୁ ବିନ୍ଦୁ ଜଳ ସମଷ୍ଟିରେ ହୁଏ
ମହାନୀର ମହୋଦଧି
ବିନ୍ଦୁ ବିନ୍ଦୁ ବର୍ଷା ଜଳ ଧାରେ ହୁଏ
ପ୍ଲାବିତ ବନ୍ୟା ପରିଧି ।୧

ବିନ୍ଦୁ ବିନ୍ଦୁ ଲୋହ ସମିଶ୍ରଣେ ହୁଏ
ଲୁହର ବନ୍ୟା ପ୍ଲାବନ
ବିନ୍ଦୁ ବିନ୍ଦୁ ଶିଶିରର ସମଷ୍ଟିରେ
ମୁକ୍ତା ପାଦପେ ସ୍ଥାପନ ।୨
ବିନ୍ଦୁ ବିନ୍ଦୁ ଘନ କୁହୁଡ଼ି ରଚାଏ
ନିର୍ଝର ବର୍ଷାର ଭ୍ରମ
ବିନ୍ଦୁ ବିନ୍ଦୁ ରାଗ ରୋଷ ସୃଷ୍ଟିକରେ
ନେଇପାରେ କା ଜୀବନ ।୩

ବିନ୍ଦୁ ବିନ୍ଦୁ ସ୍ୱେଦ ନିର୍ଗତରେ ସୃଷ୍ଟି
ଦେହ ଭିଜା ଗର୍ମି ଝାଳ
ବିନ୍ଦୁ ବିନ୍ଦୁ ଜିହ୍ୱା ତରଳ ନିର୍ଗତେ
ହୁଏ ମୁଠା ମୁଠା ଲାଳ ।୪

ବିନ୍ଦୁ ବିନ୍ଦୁ ସ୍ନେହ ମମତା ରେଣୁରେ
ହୃଦେ ପ୍ରୀତି କରେ ବସା
ବିନ୍ଦୁ ବିନ୍ଦୁ ଅଭିମାନ ସମିଶ୍ରଣେ
ହୃଦୟ ନିଶ୍ଚତ ଭାଷା ।୫

ବିନ୍ଦୁ ବିନ୍ଦୁ ବର୍ଷା ଶ୍ରାବଣେ ଝରିଲେ
ଉବୁ ଟୁବୁ ନଦୀ ନାଳ
ବିନ୍ଦୁ ବିନ୍ଦୁ ବର୍ଷା ଶସ୍ୟ କ୍ଷେତେ ଭିଜି
ଚଷାକୁ ଦିଏ ଅମଳ ।୬

ବିନ୍ଦୁ ବିନ୍ଦୁ ବାତ୍ସଲ୍ୟର ମମତା ଟି
ମା' ହୃଦୟୁ ଝରିଗଲେ
ବିନ୍ଦୁରେ ସିନ୍ଧୁଏ ସ୍ନେହର ପ୍ଲାବନ
ସନ୍ତାନ ହୃଦ କୁରୁଳେ ।୭

ବିନ୍ଦୁ ବିନ୍ଦୁ ଲୁହ ଟୋପାରେ ଅସଂଖ୍ୟ
ଭାବନା ସାଇତା ଥାଏ
ବିନ୍ଦୁ ବିନ୍ଦୁ ଦୁଃଖ ମହା ସାଗରରେ
ସବୁ ସୁଖ ବୁଡ଼ି ଯାଏ ।୮
ବିନ୍ଦୁ ବିନ୍ଦୁ ସମ ଭାବାପନ୍ନ ମିଶି
ହୁଏ ଗଢ଼ା ପରିବାର
ବିନ୍ଦୁ ବିନ୍ଦୁ ଆକଟର ସ୍ନେହଧାରେ
ବାପା ଗୃହ କର୍ଣ୍ଣଧାର ।୯

ବିନ୍ଦୁ ବିନ୍ଦୁ ଶୁଭାଶିଷ ବର୍ଷିଦିଅ
ମୋ ଶିରେ ଯାଉ ହେ ଭିଜି
ତରିଯିବି ପ୍ରଭୁ ତୁମ ନାମ ଗାଇ

❖

ଭୂଷଣ୍ଡପୁର, ଖୋର୍ଦ୍ଧା
ଦୂରଭାଷ : ୯୯୩୭୧୯୭୦୦୧



# ଅଂଶୁଘାତ

## ।। ସୁସ୍ମିତା ପଣ୍ଡା ।।




ଧରାକୁ ନିଦାଘର ହେଲା ଆଗମନ
ଅସ୍ତବ୍ୟସ୍ତ ହେଉଛି ସଭିଙ୍କ ଜୀବନ।।

ଶୁଖିଯାଏ ନଈ ଆଉ ପୋଖରୀର ଜଳ
ତୋରାଣି କଂସାଏ ଶରୀରକୁ ଯୋଗାଏ ବଳ।।

ନିଦାଘରୁ ରକ୍ଷା ପାଇଁ ଛତା ହୁଏ ସାଥୀ
ସୂର୍ଯ୍ୟଙ୍କ ପ୍ରଖର ତେଜରେ
ଜଳିଉଠେ ମହୀର ଛାତି।।

ଚାତକ ଚାହିଁଛି ବୈଶାଖୀର ଜଳ
ଶୀତଳ ପରଶ ପାଇ
ଧନ୍ୟ ହେବ ମହୀମଣ୍ଡଳ।।

ଦିବାରେ ସୂର୍ଯ୍ୟଙ୍କ କିରଣ ହେଉଛି ପ୍ରଖର
ସାବଧାନ ହୋଇଯାଅ ସଦା ନର।।

କରିବନି କେବେ
ହୃଦେ ଅଂଶୁଘାତକୁ ଭୟ
ଜଳ, ତୋରାଣି,
ଛତା ଯଦି କରିବ ଆପଣାର
ଅଂଶୁଘାତ ହେବ ପରାଜୟ।।

ନିଦାଘ ସମୟେ ଘରୁ ନ ବାହାରିବ
ଘରେ ସଦା ସୁରକ୍ଷିତ ରେ ରହିବ ।।

ଦୟା କରୁଥିବା ସଦା ପଶୁ ପକ୍ଷୀଙ୍କୁ
ଖାଦ୍ୟ ଯୋଗାଇବା ସେମାନଙ୍କୁ ।।

ସକଳ ଜୀବନେ ଆତ୍ମା ବିଦ୍ୟମାନ
ନିଦାଘ ସମୟେ କାହାକୁ
ନ କରିବା ହିନୀମାନ ।।

❖

କେନ୍ଦୁଝର

# ଶାନ୍ତି ଶକ୍ତି ଭବନରେ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ



ଆସିକା: ଆସିକା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ ହୋଇଯାଇଛି । ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଧାରାବାହିକ ଭାବେ ଆୟୋଜିତ ବହୁମୂଖୀ କାର୍ଯ୍ୟକ୍ରମ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରୁଛି ଏବଂ ଏଥି ପାଇଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ । ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷା,ସମ୍ବଳ ପରିଚାଳନା ଓ ରକ୍ଷଣାବେକ୍ଷଣକୁ ଦୃଷ୍ଟିରେ ରଖି ବିଗତ ନବେ ବର୍ଷ ଧରି ମୁଖ୍ୟାଳୟ ମାଉଣ୍ଟ ଆବୁ ଠାରେ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ ହେଉଛି ତାହା ଆଜି ସମଗ୍ର ବିଶ୍ୱରେ ଦକ୍ଷତା ବିକାଶ ଓ ପର୍ଯ୍ୟାବରଣ ସୁରକ୍ଷା ପାଇଁ ଉଦ୍ୟମ କରୁଥିବା ବିଭିନ୍ନ ସରକାରୀ, ବେସରକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ମାର୍ଗଦର୍ଶନ କରୁଅଛି ।

ଏହି କାର୍ଯ୍ୟକ୍ରମର ବାବନପୁର୍ ସରପଞ୍ଚ ସଂଜୟ କୁମାର ନାୟକ ଓ ସଙ୍ଗୀତ ପାଢ଼ି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ଶେଷରେ ପର୍ଯ୍ୟାବରଣର ସୁରକ୍ଷା ଦ୍ୱାରା ବିଶ୍ୱର କଲ୍ୟାଣ କାମନା କରି ପରମାତ୍ମା ଶିବ ପିତାଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତେ ବ୍ୟକ୍ତିଗତ ସ୍ତରରେ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ପାଇଁ ସଂକଳ୍ପ କରିଥିଲେ । କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶତାଧିକ ଭଉଣୀ ଭାଇ ସହରର ବରିଷ୍ଠ ନାଗରିକ ବୁଦ୍ଧିଜୀବି ଯୋଗଦେଇଥିଲେ ।

# ବିଶ୍ୱ ପରିବେଶ ସୁରକ୍ଷା ଦିବସ ପାଳନ



ଭଞ୍ଜନଗର: ବିଶ୍ୱ ପରବେଶ ସୁରକ୍ଷା ଦିବସ ଓ ଏହି ଅବସରରେ ଭଞ୍ଜନଗର ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ସ୍ରୋତ ଭବନ ଠାରେ ବିଶ୍ୱ ପରିବେଶ ଓ ସଚେତନ ଦିବସ ପାଳନ ହୋଇଛି ।ଏହି ଅବସରରେ ଅତିଥି ଭାବେ ଭଞ୍ଜନଗର ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ସଂଚାଳିକା ସନ୍ତୋଶିନୀ ଭଉଣୀ ଓ ମୂଖ୍ୟ ଅତିଥି ଭାବେ ବ୍ୟୋମକେଶ ମିଶ୍ର, କୃତିବାସ ବିଶ୍ୱାଳ, ସୁଲପାଣି ଶତପଥି,ଅନୁପମ ବାନାର୍ଜୀ,ନମିତା ବାରିକ,ରଞ୍ଜିତ ବାରିକ, ଦୀପ୍ତଅଂଶୁ ଦେବୀ,ସନ୍ତୋଷ ଜେନା,ବିଛକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।ବର୍ତ୍ତମାନ ସମୟରେ ପରିବେଶ ପରିବର୍ତ୍ତନ ବିଶ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି ।ଯେଉଁ ପରିବେଶ କୁ ମନୁଷ୍ୟ ନିଜର ସୁଖ ସୌନ୍ଦର୍ଯ୍ୟ ପାଇଁ ନଷ୍ଟ କରୁଛି ,ସେହି ମନୁଷ୍ୟ ହାତରେ ପରିବେଶ ସୁରକ୍ଷା ଦାଇତ୍ୱ ରହିଛି ।ତେଣୁ ଏହି ସନ୍ଦେଶ କୁ ଲୋକ ମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମା କୁମାରୀ କେନ୍ଦ୍ର ଦ୍ୱାରା ଆୟୋଜିତ ସଚେତନ କାର୍ଯ୍ୟକ୍ରମ କୁ ସମସ୍ତେ ପ୍ରଶଂସା କରିଛନ୍ତି ।ଅନୁଷ୍ଠାନ ର ଭାଇ ଭଉଣୀ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପରେ ଅତିଥି ମାନଙ୍କୁ ଚାରା ବୃକ୍ଷ ପ୍ରଦାନ କରାଯାଇଥିଲା ।ବିଶିଷ୍ଟ ସମାଜ ସେବୀ ତଥା ପରିବେଶବିତ ସୁଲପାଣି ଶତପଥୀ ପରିବେଶ ସୁରକ୍ଷା ଓ ଚାରା ଗଛ ରୋପଣ ଉପରେ ଆଧାରିତ ସଙ୍ଗୀତ ତଥା ଶପଥ ପାଠ କରାଇଥିଲେ ।ପରିଶେଷରେ କୁନି କୁନି ଭଉଣୀ ମାନଙ୍କ ଦ୍ୱାରା ପରିବେଶ ସଚେତନତା ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମ କୁ ଭଞ୍ଜନଗର ବନବିଭାଗ ସହଯୋଗ କରିବା ସହ ଚାରା ଗଛ ଯୋଗାଇ ଦେଇଥିଲେ ।ଅତିଥିମାନେ ମଧ୍ୟ ବର୍ତ୍ତମାନ ସମୟରେ ପରିବେଶ ପରିବର୍ତ୍ତନ କୁ କେବଳ ଜନ ସଚେତନତା ଓ ବୃକ୍ଷ ରୋପଣ ଦ୍ୱାରା ହିଁ ସମ୍ଭବ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ ।ଏହି ଅବସରରେ ଯୁବ ସମାଜ ସେବୀ ତଥା ସମ୍ବାଦିକ ପୁରୁଷୋତ୍ତମ ମହାପାତ୍ରକୁ ସମ୍ମାନିତ କରାଯାଇଥଲା

# ଆସିକା ମୁନସିପାଲଟି ପୌର ପରିଷଦ ଦୂର୍ନିତୀର ଗନ୍ତାଘର

ଆସିକା: ଆସିକା ମ୍ୟୁନିସିପାଲଟି ସବୁବେଳେ ସବୁ ସମୟରେ ଚର୍ଚ୍ଚାରେ ରହି ଆସୁଛି। ଦୀର୍ଘ ଏକ ବର୍ଷ ରୁ ଅଧିକା ହବ ଆଜି ପର୍ଯ୍ୟନ୍ତ ବଜେଟ୍ ମିଟିଙ୍ଗ ହୋଇନାହିଁ ।ବିନା ବଜେଟ୍ ମିଟିଙ୍ଗରେ କୋଟି କୋଟି ଟଙ୍କାର ଖେଳ ।ଦିର୍ଘ ଦିନ ପରେ ୦୫.୦୬.୨୦୨୬ ଦିନ ଆସିକା ମୁନସିପାଲଟି ଅଫିସରେ ଏକ ସାଧାରଣ ବୈଠକ ଅନୁଷ୍ଠିତ କରିବା ପାଇଁ ଆସିକା ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ୦୩.୦୬.୨୦୨୬ ତାରିଖ ଦିନ ଚିଠି ସଂଖ୍ୟା ୧୬୩୪/୨୦ ଚିଠିରେ ସାଧାରଣ ବୈଠକ କରିବା ପାଇଁ ସୂଚନା ଦେଇଥିଲେ। ସୂଚନା ମୁତାବକ ସବୁ କାଉନସିଲର ମାନେ ବୈଠକୁ ଆସିଥିଲେ କିନ୍ତୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ମନମୁଖୀ ଶାସନ କୁ ବିରୋଧ କରି ୧୨ ଜଣ କାଉନସିଲର ଆଜିର ବୈଠକ କୁ ବର୍ଜନ କରିଥିଲେ। କାଉନସିଲର ଙ୍କ ଅଜାଣତରେ ସାନିଟାଇଜର ହରିଲୁଟ,ବିନା ବୈଠକରେ ଟେଣ୍ଡର ପାସ କରି କୋଟି କୋଟି ଟଙ୍କାର ବିଲ୍ କରି ଆମ୍ ସାତ କାଉନସିଲର ମାନଙ୍କ ବିନା ରେଜୁ ଲେସନ ରେ ଏମିତି ଅଭାବନୀୟ କାର୍ଯ୍ୟ କଳାପକୁ ଦୃଢ଼ ଭାବରେ ବିରୋଧ କରି ୧ ନମ୍ବର ୱାର୍ଡ ର କାଉନସିଲର ସରୋଜ କୁମାର ଭଞ୍ଜ, ୦୩ ନମ୍ବର ୱାର୍ଡ ର କାଉନସିଲର ନିରଞ୍ଜନ ଜେନା, ୧୬ ନମ୍ବର ୱାର୍ଡ ର କାଉନସିଲର ରାଘବ ସିଂହ, ୧୧ ନମ୍ବର ୱାର୍ଡ ର କାଉନସିଲର ରିତା ବେହେରା, ୧୪ ନମ୍ବର ୱାର୍ଡ ର କାଉନସିଲର ଦୂର୍ଗା ବାଈ ବୈଠାରୁ, ୦୪ ନମ୍ବର ୱାର୍ଡ ର ନିଳିମା ପାତ୍ର, ୧୨ ନମ୍ବର ୱାର୍ଡ ର ପ୍ରଦୀପ କୁମାର ଗୌଡ଼, ୦୫ ନମ୍ବର ୱାର୍ଡ ର ମମତା ପାତ୍ର, ୧୭ ନମ୍ବର ୱାର୍ଡ ର ସଞ୍ଜୁଲତା ଶତପଥୀ, ୧୦ ନମ୍ବର ୱାର୍ଡ ର ବନୀତା ପ୍ରଧାନ, ୦୨ ନମ୍ବର ୱାର୍ଡ ର ବିଜୟ ଲକ୍ଷ୍ମୀ ବେହେରା ୧୩ ନମ୍ବର ୱାର୍ଡ ର ନିଗମାନନ୍ଦ ରାଉତ ଏହି ବୈଠକକୁ ବର୍ଜନ କରିଥିଲେ। ଆଜିକୁ ଦିର୍ଘ ମାସ ହେଲା ଆସିକା ମୁନସିପାଲଟି ଅଫିସରେ ଚାଲିଛି ମନମୁଖୀ କାର୍ଯ୍ୟ କଳାପ ଗୁଣ୍ଡା ମାଫିଆ ରାଜ ଏହାକୁ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି ହେଉଛି ଦେଖିବାକୁ ବାକି ରହିଲା ଆସିକା ଅଞ୍ଚଳର ଜନସାଧାରଣ ଏବଂ ୱାର୍ଡ ର ଉନ୍ନତି ପାଇଁ କାଉନସିଲର ମାନେ କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ।ନା ଏହା ଲୋକ ଦେଖାଣିଆ ବୈଠକ ବର୍ଜନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



## ଆସିକାରେ ବିଜେପି ମିଶ୍ରଣ ପର୍ବକୁ ନେଇ ବିଜେପିର ବିରୋଧ



ଆସିକା: ଆସିକା ନିର୍ବାଚନ ମଣ୍ଡଳୀରେ ଏବେ ବିଜେପି ଦୁଇ ଫାଳ ବିଜେପି ଓରଫ ବିଜେପି ଭିତରେ ଚାଲିଛି ଗୃହ ଯୁଦ୍ଧ ଗୋଟିଏ ଚିହ୍ନ ରେ ନିର୍ବାଚିତ ହେଲା ପରେ ବିଧାୟକ ସାଂସଦ ଭିତରେ ଚାଲିଛି କାଦୁଅ ଫିଙ୍ଗା ଫିଙ୍ଗି ୨୫/୩୦ ବର୍ଷର ବିଜେପି କର୍ମୀ ମାନଙ୍କୁ ମିଳୁନି ଧଇଥାନ ସୁରକ୍ଷା ୦୫ ତାରିଖ ଦିନ ଆସିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ର ଖଣ୍ଡଦେଉଳି ପଞ୍ଚାୟତରେ ବିଜେପି ର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଆସିକା ବିଧାୟକ ସରୋଜ କୁମାର ପାଢୀ ଙ୍କ ଗୋଷ୍ଠୀ ତିବ୍ର ବିରୋଧ କରିଛନ୍ତି ଅସାମାଜିକ ବ୍ୟକ୍ତି,ଗୁଣ୍ଡା ମାନଙ୍କୁ ନେଇ ସାଂସଦ କରୁଥିବା ମିଶ୍ରଣ ପର୍ବ କୁ ତିବ୍ର ବିରୋଧ କରୁଛନ୍ତି ଆସିକା ବିଧାୟକ ଗୋଷ୍ଠୀ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦଙ୍କ ମିଶ୍ରଣ ଅନୁଷ୍ଠିତ ହେଲେ ତିବ୍ର ବିରୋଧ କରାଯିବ ବୋଲି କହିଛନ୍ତି ବିଧାୟକ ଗୋଷ୍ଠୀ ସମର୍ଥିତ ମାନେ କହିଛନ୍ତି। ଆସିକା ନିର୍ବାଚନ ମଣ୍ଡଳୀର ଯେଉଁ ଆଶା ବିଶ୍ୱାସ ନେଇ ବିଜେପି ଦଳରେ କାମ କରୁଥିଲେ ।ଏବେ ଦଳରେ ରହିବା ପାଇଁ ଡରୁଛନ୍ତି ।ଏଠି ଗୋଟିଏ ପ୍ରଶ୍ନ ଉଠୁଛି ଆସିକା ସାଂସଦ ବିଜେପି ବିଧାୟକ ବିଜେପି ମିଶ୍ରଣ ପର୍ବକୁ ବିରୋଧ କଣ ପାଇଁ।

## ପାତ୍ରପୁରରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ପାତ୍ରପୁର :ପାତ୍ରପୁର ବ୍ଲକର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଶ୍ରୀ ସୀତାରାମ ପାତ୍ର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାତ୍ରପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଠାରେ ବୁଧବାର ପୂର୍ବତନ ଭାରପ୍ରାପ୍ତ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ପୃଷ୍ଟିଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଗୋଷ୍ଠି ଶିକ୍ଷା ଅଧିକାରୀ ସୀତାରାମ ପାତ୍ର କହିଥିଲେ ଯେ ପାତ୍ରପୁର ବ୍ଲକରେ ଶିକ୍ଷାର ଗୁଣାତ୍ମକ ଉନ୍ନତି, ବିଦ୍ୟାଳୟ ଗୁଡ଼ିକରେ ମୌଳିକ ସୁବିଧାର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷା ଫଳାଫଳରେ ସୁଧାର ଆଣିବା ତାଙ୍କର ପ୍ରାଥମିକତା ରହିବ। ଏଥି ସହିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ,ଅଭିଭାବକ ଓ ଶିକ୍ଷା ବିଭାଗର କର୍ମଚାରୀଙ୍କ ସହଯୋଗରେ ବ୍ଲକର ଶିକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବାକୁ ସେ ପ୍ରତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଶିକ୍ଷକ ନେତା ଟୁଟୁ ପ୍ରଧାନ, ଏସ ଗିରିଜା ଶଙ୍କର, କେ ମିଥୁନ ସୁବୁଦ୍ଧି, ବେଣୁ ଗୋପାଳ ପାଢ଼ୀ ଙ୍କ ସମେତ ଅନେକ ସିଆରସିସି,ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ପ୍ରତିନିଧି ଓ ଶିକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ନୂତନ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

## ବିଦ୍ୟୁତ କାମ କରିବା ବେଳେ ଚାଲିଗଲା ଜୀବନ

ଭଞ୍ଜନଗର: ଟାଟାପାୱାର ରେ କାର୍ଯ୍ୟରତ ଜଣେ ଆଉଟସୋର୍ସିଙ୍ଗ କର୍ମଚାରୀ ବିଦୂତ ଖୁଣ୍ଟରେ କାମ କରୁଥିବା ବେଳେ ଅଂଶୁଘାତରେ ହଟାତ ଦେହାନ୍ତ ହୋଇଯାଇଛି। ସୂଚନା ପ୍ରକାରେ ଭଞ୍ଜନଗର ଲାଲସିଙ୍ଗି ବିଛୁଆଡି ଗ୍ରାମର ପୁରୁଷତ୍ତମ ଜେନାଙ୍କ ପୁଅ ଦୁର୍ଗାମାଧବ ଜେନା ଭଞ୍ଜନଗର ଟାଟା ପାୱାରରେ ଜଣେ ଆଉଟ ସୋର୍ସିଙ୍ଗ କର୍ମଚାରୀ ଭାବେ କାମ କରୁଥିଲେ ଶୁକ୍ରବାର ଦିନ ସାର୍ଦ୍ଦୁଳ ନିକଟସ୍ଥ ଏକ ବିଦ୍ୟୁତ ଖୁଣ୍ଟରେ କାମ କରୁଥିବା ସମୟରେ ହଟାତ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରୁ ଅନ୍ୟ କର୍ମଚାରୀ ମାନେ ତାଙ୍କୁ ମେଡିକାଲ କୁ ଆଣିଥିଲେ ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କାରିଛନ୍ତି। ବିଦ୍ୟୁତ ବିଭାଗର ଅନ୍ୟାନ୍ୟ କର୍ମଚାରୀ ମାନେ ମେଡିକାଲରେ ଉପସ୍ଥିତ ରହି ମୃତକ ଙ୍କ ପରିବାର କୁ ସମବେଦନା ଜାଣିଥିଲେ। ଖରା ଦିନେ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି କର୍ମଚାରୀ ଙ୍କୁ ବାହାରେ କାମକରିବା ମନା ତଥାପି କିଭଳି ଦୁର୍ଗାମାଧବ ଙ୍କୁ ଏହି ଅସହ୍ୟ ଖରାରେ କାମ କରାଯାଉଥିଲା ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଏଥିସହ ସନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ।ସୂଚନାଯୋଗ୍ୟ ଯେ ଅନେକ ସମୟରେ ଟାଟା ପାବାର ଉପରିସ୍ଥ କର୍ମଚାରୀ ଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ତଳିଆ କର୍ମଚାରୀ ହଇରାଣ ହେବା ସହ କଷ୍ଟ ସହୁଛନ୍ତି ।ବଡବଡ଼ିଆ ଅଫିସର ଶୀତ ତାପ ନିୟନ୍ତ୍ରିତ ଘରେ ରହି କାର୍ଯ୍ୟ କରିଥିବା ବେଳେ ତଳିଆ କର୍ମଚାରୀ ୪୫ଡିଗ୍ରୀ ଖରାରେ କାମ କରୁଛନ୍ତି ।ତେଣୁ ଟାଟା ପାବାର ଏହି ପରି ମନୋମୁଖୀ କାର୍ଯ୍ୟ ଯୋଗୁଁ ଅକାଳରେ ଜୀବନ ଯାଉଛି ।ତେଣୁ ଦେଖିବାକୁ ବାକି ରହିଲା ମୃତକ ପରିବାର କୁ ସରକାରୀ ଓ ଟାଟା ପାବାର ତରଫରୁ କିପରି ସହଯୋଗ ମିଳୁଛି।

# ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ରହ୍ମପୁର : ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଞ୍ଜାମ ପକ୍ଷରୁ ଏକ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ଓ ଦୌରା ଜଜ୍-ତଥା -ଅଧ୍ୟକ୍ଷ,ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ବିବସ୍ୱତ ଗୌତମ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାର ଆବଶ୍ୟକତା ଓ ସବୁଜ ପରିବେଶ ଗଠନରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ଗୌତମ ନିଜେ ବୃକ୍ଷରୋପଣର ଶୁଭାରମ୍ଭ କରି କହିଥିଲେ ଯେ 'ବୃକ୍ଷରୋପଣ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ସୃଷ୍ଟି କରିବାର ସାମୂହିକ ଦାୟିତ୍ୱ । ସେ ଆହୁରି ମଧ୍ୟ କହିଥିଲେ ଯେ 'ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି,ଏହାର ମୁକାବିଲା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୃକ୍ଷରୋପଣ ସହ ପରିବେଶ ସଂରକ୍ଷଣରେ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ' । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ,ଗଞ୍ଜାମର ସଚିବ ବ୍ୟୋମକେଶ ନାୟକ ଉପସ୍ଥିତ ରହି ବିଶ୍ୱ ପରିବେଶ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ, ସବୁଜ ପରିବେଶ ଗଠନ ଦ୍ୱାରା ହିଁ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରାଯାଇପାରିବ' । ଏହି ଅବସରରେ ସିଭିଲ କୋର୍ଟ, ବ୍ରହ୍ମପୁରର ବିଚାରକ ଓ ଅଧିକାରୀ, ବନ ବିଭାଗର ଅଧିକାରୀ, ଡିଏଲଏସଏ ଏବଂ କୋର୍ଟ କର୍ମଚାରୀମାନେ ଯୋଗଦେଇ ବିଭିନ୍ନ ଫଳ ଓ ଫୁଲ ଗଛର ଚାରା ରୋପଣ କରିଥିଲେ । ବନ ବିଭାଗ ପକ୍ଷରୁ ପ୍ରଦତ୍ତ ଚାରାଗୁଡ଼ିକୁ କୋର୍ଟ ପରିସରର ବିଭିନ୍ନ ସ୍ଥାନରେ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା,ବୃକ୍ଷରୋପଣ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ସଚେତନ ରହିବା ଓ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଶପଥ




ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ସିଭିଲ କୋର୍ଟ ପରିସରରେ ଏକ ସବୁଜ, ସୁନ୍ଦର ଏବଂ ପରିବେଶ ଅନୁକୂଳ ପରିବେଶ ଗଠନ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ସମସ୍ତଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ସଚିବ ଶ୍ରୀ ନାୟକ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ମହାନ୍ ସଂଘ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ରହ୍ମପୁର : ବର୍ତ୍ତମାନ ବିଶ୍ୱ ରେ ଯେପରି ପରିବେଶ ଅବନତି ଘଟୁଛି, ପ୍ରାଣୀ ଜଗତ ବଞ୍ଚିବା କଷ୍ଟକର ହୋଇପଡୁଛି ।ଏଣୁ ସବୁ ସ୍ତରରେ ପରିବେଶ ସୁରକ୍ଷା ସହ ବ୍ୟାପକ ବୃକ୍ଷ ରୋପଣ ସହ ସୁରକ୍ଷା କରିବା ଆବଶ୍ୟକ ବୋଲି ଆଜି ମହାନ୍ ସଂଘ୍ ପକ୍ଷ ରୁ ହିଲପାଟଣା କାର୍ଯ୍ୟାଳୟ ନିକଟସ୍ଥ ସତ୍ୟ ଭମା କଲ୍ୟାଣୀ ମଣ୍ଡପ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।ସଭାପତି ଶ୍ରୀ ସୁଶାନ୍ତ କୁମାର ସାବତ ଙ୍କ ପ୍ରତ୍ୟକ୍ଷ ତତଭାନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସଂଘ ଉପଦେଷ୍ଟା ଶ୍ରୀ ଚନ୍ଦ୍ର ଶେଖର ସାହୁ, ଅନ୍ୟତମ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ , ମେୟର ଶ୍ରୀମତୀ




ସଂଘମିତ୍ରା । ଦଳେଇ, ପୂର୍ବତନ ହିଞ୍ଜିଳି ବିଧାୟକ ଶ୍ରୀ ଉଦୟ ନାଥ ନାୟକ , ପୂର୍ବତନ ବି ଡି ଏ ଅଧକ୍ଷ ଶ୍ରୀ ସୁବାଷ ମହାରଣା ଅତିଥି ଭାବେ ଯୋଗଦେଇ ମହାନ୍ ସଂଘ ର ଦୀର୍ଘ ୪୧ ବର୍ଷ ଧରି ପରିବେଶ ଦିଗରେ କାର୍ଯ୍ୟ ର ଉଚ୍ଚ ପ୍ରସଂଶା କରିବା ସହ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ଗଣେଶ ନାୟକ, ଡ ଧନ ଲକ୍ଷ୍ମୀ ପଟ୍ଟନାୟକ, ସମର ପାତ୍ର, ଶ୍ରୀକାନ୍ତ ଚନ୍ଦ୍ର ସାବତ, ରିତାଞ୍ଜଳି ସ୍ୱାଇଁ, ପ୍ରଭାକର ସାହୁ, ସୁଦୀପ ସାହୁ, ସୁନିର ବିଶ୍ୱାସ, ଚିନ୍ମୟ ନାରାୟଣ ରଥ, ଆଦିତ୍ୟ ରଥ,ପ୍ରକାଶ ଭାଜନି, ସଞ୍ଜୟ ମାଝୀ, ସୀମାଞ୍ଚଳ ପାଣିଗ୍ରାହୀ, ହରିକୃଷ୍ଣ ମିଶ୍ର, ଡ ସନ୍ଧ୍ୟା ରାଣୀ ପଟ୍ଟନାୟକ, ତପନ ପଣ୍ଡା,ମନୋଜ ମହାପାତ୍ର, ଡ ସୁରଜିତ ପାଣିଗ୍ରାହୀ ଙ୍କ ସମେତ ସଂଘ ର ବହୁ ସଦସ୍ୟ ସଦସ୍ୟା ଓ ହିଲପାଟଣା ନିବାସୀ ଅଂଶ ଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ । ଚଳିତ ବର୍ଷ ସଂଘ ପକ୍ଷ ରୁ ବ୍ୟାପକ ଭାବେ ବୃକ୍ଷ ରୋପଣ କରାଯିବ ବୋଲି ସଭାପତି ଶ୍ରୀ ସାବତ ଙ୍କ ଠାରୁ ପ୍ରକାଶ ।

## ଜଗଦଳପୁର ପ୍ରସିଦ୍ଧ ମାଁ ବୁଢ଼ୀଠାକୁରାଣୀଙ୍କ ଘଟ ପରିକ୍ରମା ଶେଷ



ବ୍ରହ୍ମପୁର:ଜଗଦଳପୁର ପ୍ରସିଦ୍ଧ ମାଁ ବୁଢ଼ୀ ଠାକୁରାଣୀ ଙ୍କ ଘଟ ଶୁକ୍ରବାର ସନ୍ଧ୍ୟାରେ ନୂଆଁ ନେତାଜୀ ନଗର ଭ୍ରମଣ କରିବା ପରେ ଶେଷ ହେବ ଘଟ ଯାତ୍ରା । ଶନିବାର ଦିନ ଅସ୍ଥାୟୀ ମଣ୍ଡପରେ ମାଁ ବିଶ୍ରାମ ନେବେ । ରବିବାର ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରୁ ବାହାରି ଉତ୍ତର ବଡ଼ସାହି ମାଉସୀ ମାଁ ଙ୍କ ଘର ଏବଂ ଶୁଣ୍ଡି ସାହି ସ୍ଥିତ ବାପା ଘରୁ ଯୋଗାଡ ନେଇ ସ୍ଥାୟୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ଶୁକ୍ରବାରଦିନ ଶେଷ ଘଟ ଯାତ୍ରାରେ ସାମିଲ ହୋଇ ମାଁ ଙ୍କୁ ଦର୍ଶନ କରିଛନ୍ତି ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ,ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା,ଗୋପାଳପୁର ପୂର୍ବତନ ବିଧାୟକ ତ୍ରିନାଥ ବେହେରା । ସାନ୍ଧ୍ୟ ଆଳତି ପରେ ମାଁ ଅସ୍ଥାୟୀ ମନ୍ଦିରରୁ ବିରାଟ ପଟୁଆରରେ ବାହାରି ଗ୍ରାମର ମୁଖ୍ୟ ରାସ୍ତା ଦେଇ ନୂଆଁ ନେତାଜୀ ନଗରର ସମସ୍ତ ସାହି ପରିକ୍ରମା କରି ଅସ୍ଥାୟୀ ମନ୍ଦିରକୁ ଫେରିଛନ୍ତି । ଶନିବାର ବିଶ୍ରାମ ପରେ ରବିବାର ସନ୍ଧ୍ୟାରେ ସ୍ଥାୟୀ ମନ୍ଦିରକୁ ଫେରିଲେ ମାଁ ସାଆନ୍ତାଣୀ ।

**ଛତ୍ରପୁର ମହୋତ୍ସବର ଶେଷ ସନ୍ଧ୍ୟାରେ ପଲ୍ଲିଶ୍ରୀ,ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ, କୃଷି ଯନ୍ତ୍ରପାତି,ଖାଦ୍ୟ ଓ ସୁଭଦ୍ରା ଶକ୍ତି ମେଳା ବୁଲି ଦେଖିଲେ ଅତିଥିବୃନ୍ଦ**

# ଶାନ୍ତିଶୃଙ୍ଖଳା ଓ ସହଯୋଗ ପାଇଁ ସାଧୁବାଦ ଜଣାଇଲେ ଗଞ୍ଜାମ ଜିଲ୍ଲାପାଳ ଓ ଛତ୍ରପୁର ବିଧାୟକ

ଛତ୍ରପୁର : ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପାଞ୍ଚଦିନଧରି ମହାଆଡମ୍ବରରେ ଚାଲିଥିବା ଛତ୍ରପୁର ମହୋତ୍ସବ ଶେଷ ହୋଇଛି । ଶେଷ ଦିନ ହୋଇଥିବା ହେତୁ ଆଜି ପ୍ରବଳ ଜନଗହଳି ପରିଲିକ୍ଷିତ ହୋଇଥିଲା । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ତଥା ସୁପ୍ରସିଦ୍ଧ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଦେବଦତ୍ତ ପଣ୍ଡା ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇ ଏ ଏସ ଶିକ୍ଷାନବୀସ ସୁଶ୍ରୀ ସାରାନ୍ୟା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଂଚଳ ବାସୀଙ୍କ ମଙ୍ଗଳ କାମନା କରିଛନ୍ତି । ଅତିଥି ମାନେ ପଲ୍ଲିଶ୍ରୀ ମେଳା , ଜିଲ୍ଲା ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା, କୃଷି ଯନ୍ତ୍ରପାତି ମେଳା, ଖାଦ୍ୟ ମେଳା ଓ ସୁଭଦ୍ରା ଶକ୍ତି ମେଳା ବୁଲି ଦେଖିବା ସହିତ ଉତ୍ପାଦକ, ବିକ୍ରୀକର୍ତ୍ତା, ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ଛତ୍ରପୁର ମହୋତ୍ସବ ଓ ଗଞ୍ଜାମ ଜିଲ୍ଲାର ଅନୁଭୂତି ତାସହିତ ତାଙ୍କର ବ୍ୟବସାୟ ସମ୍ପର୍କରେ ପଚାରି ବୁଝିଥିଲେ । ଛତ୍ରପୁର ମହୋତ୍ସବରେ ଭଲ ବ୍ୟବସାୟ ହେବା ସହ ଆଗାମୀଦିନରେ ମଧ ଏଠାକୁ ଆସିବା ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି । ପଞ୍ଚମ ତଥା ଶେଷ ସନ୍ଧ୍ୟା ରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅଙ୍କିତା ଭଟ୍ଟାଚାର୍ଯ୍ୟ, ପ୍ରଜ୍ଞା ହୋତା, ସଚିନ ରାଉତଙ୍କ ସୁମଧୁର ସଂଗୀତ ଓ ଆର ଡି ଏକ୍ସ ଡ୍ୟାନ୍ସ ଗ୍ରୁପ ର ଦମଦାର ଡ୍ୟାନ୍ସ ସହିତ ଛତ୍ରପୁର ଶ୍ରୀ ନଟରାଜ ନୃତ୍ୟ ଏକାଡେମୀର ସେମି କ୍ଲାସିକାଲ୍, ବ୍ରହ୍ମପୁର ସଙ୍ଗୀତ ଆରାଧନା ଡ୍ୟାନ୍ସ





ଆଣ୍ଡ୍ ମ୍ୟୁଜିକ୍ ଏକାଡେମୀର ସମ୍ବଲପୁରୀ, ବ୍ରହ୍ମପୁର ଉତ୍କଳିକା କଳା ନିକେତନର ସେମି କ୍ଲାସିକାଲ୍, ଛତ୍ରପୁର ସମୀର ନୃତ୍ୟ କେନ୍ଦ୍ରର କାଳୀ ନୃତ୍ୟ, ଛତ୍ରପୁର ଜୟ ଗଣେଶ କଳା ବିକାଶ କେନ୍ଦ୍ରର ବାର ମାସ ତେର ଯାତ, କଳାହାଣ୍ଡି ମାଁ ସାନ ସ୍ମୃତି ଯୁବ ଅନୁଷ୍ଠାନର ବଜାଶାଳ, ବ୍ରହ୍ମପୁର ଓଡ଼ିଶୀ ନୃତ୍ୟାୟନର ମାହାରୀ, ବ୍ରହ୍ମପୁର ଶ୍ରୁତି ଡ୍ୟାନ୍ସ ଏକାଡେମୀର ସମ୍ବଲପୁରୀ ନୃତ୍ୟ, ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ପଶୁ ମୁଖା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା ।

ଏହି ଅବସର ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଉଲ୍ଲେଖନୀୟ ସଫଳତା ପାଇଁ ଜୟା ଗୌଡ଼, କୁକୁଡ଼ା ପାଳନରେ୍ଁ. ରାଧିକା, ଛେଳି ପାଳନ ରେ ଅଳକା ସ୍ୱାଇଁ, ନାରୀ ଶକ୍ତି ଶ୍ରୀ ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ( କୁକୁଡ଼ା ପାଳନ ), ଉନ୍ନତ ମାନ ର ମତ୍ସ୍ୟ ଯାଆଁଳା ଉତ୍ପାଦନ ପାଇଁ ଚିତ୍ତ ରଞ୍ଜନ ବେହେରା, ମତ୍ସ୍ୟ ପୋଖରୀ ଯୋଜନାରେ ଶାନ୍ତି ଲତା ସ୍ୱାଇଁ, ମାଛ ଚାଷ ପାଇଁ କାହ୍ନୁ ପାଢ଼ୀ, ଜୟ ଜଗନ୍ନାଥ ସ୍ୱୟ ସହାୟିକା ଗୋଷ୍ଠୀ, ମା ରମାୟାଣାମ୍ମା ଠାକୁରାଣୀ ଯାତ୍ରା କମିଟି ର ମ୍ୟାନଜର ସିଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଡ ମ୍ୟାନଜର ଏମ ସମରେନ୍ଦ୍ର ସେନାପତି,ସମ୍ପାଦକ ପି. ରାଜୁ ରେଡ୍ଡୀ, ସଭ୍ୟ ଶ୍ରୀନିବାସ, ଏବଂ ତାଙ୍କ ଟିମ, ଗ୍ରାସୀମ ଇଣ୍ଡଷ୍ଟ୍ରି, ଟାଟା ଷ୍ଟିଲ ସିଏସଆର, ଆଇଆର ଇଏଲ, ଆଦାନୀ ପୋର୍ଟ, ଇଭେଣ୍ଟ ମ୍ୟାନଜମେଣ୍ଟ ଟିମ ଜେନସର ନିହାର ଓ ସହଯୋଗୀ,ଛତ୍ରପୁର ଆଡିସନାଲ ସବକଲେକ୍ଟର ପାର୍ଥ ସାରଥୀ ହାଁସଦା, ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ଏନ. ରବି ପ୍ରଧାନ ଓ ସୁଚିତ୍ରା ବେହେରା, ଓରମାସ ଡେପୁଟି ସିଇଓ ଡ଼ଃ ରାଜଗୋପାଳ ଦାଶ, ଛତ୍ରପୁର ପୌରପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଗଞ୍ଜାମ ଜିଲ୍ଲା ପରିଷଦର ସୌମ୍ୟ ହୋତା, ସୋରେନ ପଲାଇ ଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପାଞ୍ଚଦିନଧରି ଛତ୍ରପୁର ମହୋତ୍ସବକୁ ଶାନ୍ତି ଓ ଶୃଙ୍ଖଳା ସହିତ ଉପଭୋଗ କରିଥିବାରୁ ଅଞ୍ଚଳବାସୀଙ୍କୁ ତା ସହିତ ଜିଲ୍ଲାପ୍ରଶାସନ, ପୋଲିସ ପ୍ରଶାସନ,ସମସ୍ତ ବିଭାଗ, ଗଣମାଧ୍ୟମ, ବୁଦ୍ଧିଜୀବୀ ଓ ସମ୍ପୃକ୍ତ ସମସ୍ତଙ୍କୁ ମହୋତ୍ସବର ସମସ୍ତ ସହଯୋଗ ଓ ସଫଳତା ପାଇଁ ଜିଲ୍ଲାପାଳ ଓ ଛତ୍ରପୁର ବିଧାୟକ ସାଧୁବାଦ ଜ୍ଞାପନ କରିଛନ୍ତି ।

Published by Ananta Ram Pradhan on Behalf of Ananta Ram Pradhan From House No.: 7, At- New Khojoriya, Po- Phulta, Ps- Gobsaninuagaon, Ganjam- 760002 (Odisha), & Printed by Laveti Anuradha, Printed at Amruta Print Process, Plot No.: 2/10, Industrial Estate, Ankuli, Berhampur, Ganjam-760008 (Odisha), Editor Contact No.: **9338448075**

Editor : **Ananta Ram Pradhan**

ସଂପାଦକ : **ଅନନ୍ତ ରାମ ପ୍ରଧାନ**